ବର୍ଷ-୨୪, ସଂଖ୍ୟା-୨୬୮
ଭୁବନେଶ୍ୱର
୩୧ ଅକ୍ଟୋବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 268
Bhubaneswar
31 October, 2024 Thursday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଅବସରରେ 'ମହାଭାରତ' ତାର ସମସ୍ତ ପାଠକପାଠିକା/ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି।

- ପରିଚାଳକ

ଛୁଟି ଘୋଷଣା

ଆଲୋକର ପର୍ବ ଦୀପାବଳି ଅବସରରେ 'ମହାଭାରତ' କାର୍ଯ୍ୟାଳୟ ଓ ପ୍ରେସ୍ ବନ୍ଦ ରହୁଛି। ତେଣୁ ଏହାର ପରବର୍ତ୍ତୀ ସଂସ୍କରଣ ୨ ତାରିଖରେ ପ୍ରକାଶ ପାଇବ।

- ପରିଚାଳକ

ସମୃଦ୍ଧ ଓଡ଼ିଶା ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୩୦।୧୦(ମହାଭାରତ): ଆସନ୍ତା ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ। ଆଉ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନରେ ଓଡ଼ିଶାର ଅବଦାନ ମହତ୍ୱପୂର୍ଣ୍ଣ ରହିବ। ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅର୍ଥାତ ୨୦୩୬ ମସିହା ବେଳକୁ ଓଡ଼ିଶା କିଭଳି ସମୃଦ୍ଧ ରାଜ୍ୟରେ ପରିଣତ ହେବ ସେନେଇ ମୋହନ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା

ସୁଚିନ୍ତିତ ମତାମତ ହ୍ୱାଟସଅପ୍ ନମ୍ବର ଓ ଇମେଲ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଗଠନ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ନିମନ୍ତେ ସାଧାରଣ ଲୋକଙ୍କଠୁ ମତାମତ ଓ ପରାମର୍ଶ ଲୋଡ଼ିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ଏହି ଭିଜନ ଡକ୍ୟୁମେଣ୍ଟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ପ୍ରସ୍ତୁତ ନିମନ୍ତେ ଏକ ରାଜ୍ୟ ସରକାରଙ୍କ ୱେବ ପୋର୍ଟାଲକୁ ଉନ୍ମୋଚନ କରିଛନ୍ତି। ବିକଶିତ ଓଡ଼ିଶାର ରୂପରେଖ ଓଡ଼ିଶାର ଲୋକମାନେ ହିଁ ପ୍ରସ୍ତୁତ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଲୋକସେବା ଭବନରେ ଆଜି ଏହି ଭିଜନ ଡକ୍ୟୁମେଣ୍ଟ ସଂକ୍ରାନ୍ତ ୱେବପୋର୍ଟାଲକୁ ଉନ୍ମୋଚନ କରି ରାଜ୍ୟବାସୀଙ୍କଠୁ

ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆବଶ୍ୟକ ସୁଚିନ୍ତିତ ମତାମତ ହ୍ୱାଟସଅପ୍ ନମ୍ବର ଓ ଇମେଲ୍ ମାଧ୍ୟମରେ ପଠାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଓଡିଶା ଗଠନ ପାଇଁ ଆମେ ଯେଉଁ ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ଯାଉଛୁ, ତାହା ଲୋକଙ୍କ ମତାମତ ଆଧାରରେ ହିଁ ପ୍ରସ୍ତୁତ ହେବ। ଏହା କେବଳ ଏକ ସରକାରୀ ଦସ୍ତାବିଜ ହେବ ନାହିଁ, ବରଂ ଓଡିଶାର ଜନସାଧାରଣଙ୍କ ଦ୍ୱାରା, ଜନସାଧାରଣଙ୍କ ପାଇଁ ପ୍ରସ୍ତୁତ ଏପରି ଏକ ଦସ୍ତାବିଜ ହେବ ଯାହା ଜନସାଧାରଣଙ୍କ ଆକାଂକ୍ଷାର ପ୍ରକୃତ ପ୍ରତିଫଳନ ହେବ। ସେ ନିଜେ, ତାଙ୍କର ସହଯୋଗୀ ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଗଣ ମଧ୍ୟ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସହ ଆଲୋଚନା କରି ସମୃଦ୍ଧ ଓଡିଶା ଗଠନ ପାଇଁ ଲୋକଙ୍କ ବିଚାର ଓ ପ୍ରସ୍ତାବ ଉପରେ ଅନୁଶୀଳନ କରିବେ। ଆମେ ସମସ୍ତେ ମିଳିମିଶି ଏପରି ଏକ ଓଡିଶା ଗଠନ କରିବୁ, ଯାହା ଅର୍ଥନୈତିକ ଭାବେ ସମୃଦ୍ଧ ହେବ ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବ। ମାନବ ବିକାଶ ସୂଚକାଙ୍କରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଅର୍ଜନ କରିବ। ଆମ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଲୋକଙ୍କ ଇଚ୍ଛା ପ୍ରତିଫଳିତ ହେଉଛି ଏବଂ ହୋଇଚାଲିବ। ୨୦୩୬ ଓ ୨୦୪୭ ର ଓଡିଶା, ଲୋକମାନଙ୍କ ଇଚ୍ଛା ଓ ସ୍ୱପ୍ନର ଏକ ପ୍ରତିଫଳନ ହେବ ବୋଲି ସେ କହିଛନ୍ତି।

ଏହି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ସମାଜର ବିଶିଷ୍ଟ ନାଗରିକ, ବିଭିନ୍ନ ନାଗରିକ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ, ନୀତି ନିର୍ଦ୍ଧାରକ, ପ୍ରବାସୀ ଓଡ଼ିଆ, ଶିଳ୍ପ ■ପୃଷ୍ଠା-୬

ସୀମାରୁ ସେନା ପ୍ରତ୍ୟାହାର ଶେଷ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ପୂର୍ବ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ଭାରତ ଓ ଚାଇନାର ସେନା ଲଦାଖର ଦେପସାଙ୍ଗ ଏବଂ ଡେମଚୋକ ସୀମା(ଲାଇନ ଅଫ କଣ୍ଟ୍ରୋଲ)ରେ ପଛକୁ ଫେରିବା କାର୍ଯ୍ୟ ଶେଷ କରିଛନ୍ତି। ଖୁବଶୀଘ୍ର ଦୁଇ ଦେଶର ସେନା ଏହି ଅଞ୍ଚଳରେ ପାଟ୍ରୋଲିଂ କରିବାକୁ ଥିବାବେଳେ ଗୁରୁବାର ଦୀପାବଳି ଅବସରରେ ଉଭୟ ପକ୍ଷର ସୈନିକ ମିଠା ଖୁଆ ଖୁଇ ହୋଇ ବନ୍ଧୁତାକୁ ବଢ଼ାଇବେ ବୋଲି ସୂଚନା ମିଳିଛି।

ଭାରତୀୟ ସେନାର ସୂତ୍ରରୁ ପ୍ରକାଶ ଯେ, ଯାଞ୍ଚ ପ୍ରକ୍ରିୟା ଚାଲିଛି ଏବଂ ପାଟ୍ରୋଲିଂ କିପରି ହେବ ତାହାର ନିଷ୍ପତ୍ତି ଗ୍ରାଉଣ୍ଡ କମାଣ୍ଡୋମାନେ ନେବେ। ଡିସଏନଗେଜମେଣ୍ଟ ପ୍ରକ୍ରିୟା ଶେଷ ହୋଇଥିବାରୁ ସ୍ଥାନୀୟ କମାଣ୍ଡର୍ସ, ବ୍ରିଗେଡିୟର୍ସ ଓ ଅନ୍ୟ ପାହ୍ୟାର ଅଧିକାରୀମାନେ ପରସ୍ପର ସହ ଆଲୋଚନା କରିବେ। ସୀମାନ୍ତର ଏହି ସମ୍ବେଦନଶୀଳ ଅଞ୍ଚଳରେ ସ୍ଥିରତା ବଜାୟୀ ରଖିବାକୁ ଦୁଇ ଦେଶ କାର୍ଯ୍ୟ କରିବେ ବୋଲି ଏହି ସୂତ୍ରରେ କୁହାଯାଇଛି।

ଏଥିରେ ଆହୁରି କୁହାଯାଇଛି ଯେ ଭାରତ ଓ ଚାଇନାର ସ୍ଥାନୀୟ ସାମରିକ କମାଣ୍ଡର୍ସ ଆଜି ଦେପସାଙ୍ଗ ଓ ଡେମଚୋକ ନିକଟସ୍ଥ ■ପୃଷ୍ଠା-୬

୨୬ରୁ ଶୀତ ଅଧିବେଶନ

ଭୁବନେଶ୍ୱର,୩୦।୧୦(ମହାଭାରତ): ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୬ତାରିଖରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟକୁ ରାଜ୍ୟ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପିତ କରିବେ। ରାଜ୍ୟ ବିଧାନସଭାର କନସଲଟାଣ୍ଟଙ୍କ ଦସ୍ତଖତରେ ଆଜି ବୁଧବାର ଜାରି ବିଜ୍ଞପ୍ତି ଅନୁସାରେ, ଏହି ଅଧିବେଶନ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମଦିନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ। ଡିସେମ୍ବର ୨ରୁ ୪ତାରିଖ ପର୍ଯ୍ୟନ୍ତ ଏହି ଅତିରିକ୍ତ ଖର୍ଚ୍ଚଦାବି ଉପରେ ଆଲୋଚନା ହେବ। ଡିସେମ୍ବର ୫ତାରିଖରେ ପ୍ରଥମ ଅତିରିକ୍ତ ବଜେଟକୁ ଗୃହୀତ କରିବା ପାଇଁ ବ୍ୟୟମଞ୍ଜୁରୀ ବିଲ୍ ଉପସ୍ଥାପିତ ଓ ପାରିତ ହେବ। ■ପୃଷ୍ଠା-୬

ପୁରୀ ଷ୍ଟେସନରୁ ୧୫୦ ଗୁଳି ଜବତ

ପୁରୀ,୩୦।୧୦(ମହାଭାରତ): ଆଜି ପୁରୁଷୋତ୍ତମ ଏକ୍ସପ୍ରେସ୍‌ରୁ ୧୫୦ ଟି ଗୁଳି ଜବତ ହେବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁରୀ ରେଲୱେ ଷ୍ଟେସନରୁ ୧୨୮୦୨ ପୁରୁଷୋତ୍ତମ ଏକ୍ସପ୍ରେସର ୨ ସ୍ଲିପର କୋଚର ଏକ ସିଟ ତଳୁ ଅ।ଜି ଜବତ ହୋଇଛି। ୧୫୦ଟି ଜୀବନ୍ତ ଗୁଳିସେଠାରେ ସନ୍ଦିଗ୍ଧ ଅବସ୍ଥାରେ ଥିବା ଏକ କଳା ବ୍ୟାଗକୁ ଆରପିଏଫ ଯାଞ୍ଚ କରିବା ସମୟରେ ତା ଭିତରୁ ୧୫୦ଟି ୮ ଗୁଳି ମିଳିଥିଲା। ଏହା ପରେ ଏନେଇ ଆରପିଏଫ ପକ୍ଷରୁ ଜିଆରପିକୁ ଅବଗତ କରାଯାଇଥିଲା। ଜିଆରପି ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି।

ପରକୀୟା ପ୍ରୀତିରୁ ରକ୍ତାକ୍ତ ସଂଘର୍ଷ, ୫ ମୃତ

ସୁନ୍ଦରଗଡ,୩୦।୧୦(ମହାଭାରତ): ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ କରମଡିହି ଗୀତାପଡାରେ ନିର୍ମମ ହତ୍ୟାକାଣ୍ଡ ଘଟିଛି। ବିଭିନ୍ନ ବିବାଦକୁ ନେଇ ଦୁଇ ଯାଯାବର ଗୋଷ୍ଠୀ ମଧ୍ୟରେ ଘଟିଥିବା ରକ୍ତାକ୍ତ ସଂଘର୍ଷରେ ଏକାବେଳକେ ୫ ଜଣଙ୍କ ମୁଣ୍ଡ ଗଡ଼ିଛି। ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ଅଛନ୍ତି ଓ ୪ ଜଣ ଆହତ ହୋଇଛନ୍ତି। ପରକିୟା ପ୍ରୀତିକୁ ନେଇ ଗୋଟିଏ ଗୋଷ୍ଠୀ ବିଳମ୍ବିତ ରାତିରେ ୫ ଜଣଙ୍କୁ ମାରଣାସ୍ତ୍ରରେ ଅତି ନିର୍ମମ ଭାବରେ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଆହତମାନଙ୍କୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଗତକାଲି ରାତି ପ୍ରାୟ ୧୧ଟା ସମୟରେ ପରିବାରର ସମସ୍ତେ ଶୋଇଥିବା ସମୟରେ ହଠାତ କିଛି ଜଣ ଲୋକ ଆସି ମୃତକଙ୍କ ଉପରେ ଭୁଜାଲି, ଖଣ୍ଡା ଦ୍ୱାରା ଅ।କ୍ରମଣ କରିଥିଲେ। ଯାହା ଫଳରେ ତିନି ମହିଳାଙ୍କ ସହିତ ପାଞ୍ଚ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଦୁଇ ଶିଶୁଙ୍କ ସମେତ ଅବିନାଶ ଓ ଦ୍ୱିତୀୟ ପତ୍ନୀ ଆହତ

ହୋଇଛନ୍ତି। ଗତ କିଛି ମାସ ହେଲା ମହାରାଷ୍ଟ୍ର ଓ୍ୱାର୍ଦ୍ଧା ଅଞ୍ଚଳର ଏକ ଯାଯାବର ଦଳ ଆସି କରମଡିହି ନିକଟରେ ତମ୍ବୁ ଲଗାଇ ରହି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅବିନାଶ ପାଓ୍ୱାରର ପ୍ରଥମ ପତ୍ନୀ ନିଜ ସ୍ୱାମୀ ଓ ପୁଅକୁ ଛାଡ଼ି ଅନ୍ୟ କାହା ସହିତ ପଳାଇଥିଲେ। ଏହାପରେ ଅବିନାଶ ଆଉ ଜଣେ ବିବାହିତା ମହିଳାଙ୍କୁ ବିବାହ କରିଥିଲେ। ତାଙ୍କ ଦ୍ୱିତୀୟ ପତ୍ନୀଙ୍କର ବି ଦୁଇ ସନ୍ତାନ ଅଛନ୍ତି। ତେବେ ତାଙ୍କ ଦ୍ୱିତୀୟ ପତ୍ନୀଙ୍କର ପୂର୍ବ ପରିବାର ସହ ପୂର୍ବରୁ ଝଗଡ଼ା ଲାଗି ରହୁଥିଲା। ଆକ୍ରମଣ କରିଥିବା ଗୋଷ୍ଠୀ ଦ୍ୱିତୀୟ ପତ୍ନୀ ଓ ଦୁଇ ଶିଶୁଙ୍କୁ ନେଇ ଫେରାର ଥିବାର ଜଣାପଡିଛି। ଘଟଣାସ୍ଥଳରେ ଘଟଣାସ୍ଥଳରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର ସଦରଥାନା ପୋଲିସ ସାଇଣ୍ଟିଫିକ୍ ଟିମ ସହ ପହଂଚି ଘଟଣାର ତଦନ୍ତ କରିବା ସହ ହତ୍ୟକାରୀଙ୍କୁ ଧରିବା ପାଇଁ ତନାଘନା ଚଳାଇଛନ୍ତି। ବର୍ତ୍ତମାନ ପୋଲିସର ଦୁଇଟି ଟିମ୍ ଅ।କ୍ରମଣକାରୀଙ୍କୁ ଧରିବା ■ପୃଷ୍ଠା-୬

୫ ଛାତ୍ରଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର,୩୦।୧୦(ମହାଭାରତ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ଆଜି ବ୍ରହ୍ମପୁର ଏସ୍‌ପି ଗଣମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ବୈଦ୍ୟନାଥପୁର ଥାନାରେ ୫ ଜଣ ସିନିୟର ଛାତ୍ରଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ୨ ବର୍ଷର ଛାତ୍ରକୁ ଶାରୀରିକ/ମାନସିକ ନିର୍ଯାତନା ନେଇ ଅଭିଯୋଗ ହୋଇଛି। ରାଗିଂରେ ସଂପୃକ୍ତ ୫ ଜଣ ସିନିୟର ଛାତ୍ରଙ୍କୁ ହଷ୍ଟେଲ ଏବଂ କ୍ୟାମ୍ପସରୁ ୬ ମାସ ପାଇଁ ବିତାଡିତ କରାଯିବ ବୋଲି ଆଣ୍ଟି ରାଗିଂ ସେଲ୍ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ।

ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଉପରେ ହେବ କଟକଣା

ଭୁବନେଶ୍ୱର,୩୦।୧୦(ମହାଭାରତ): ମଦ୍ ବାର ପରେ ଏବେ ଯାତ୍ରା ପାର୍ଟିଗୁଡିକର ପାଳି ପଡ଼ିଛି। ଯାତ୍ରାରେ ଆଉ ହେଇପାରିବନି ଅଶ୍ଳୀଳ ନୃତ୍ୟ। ଦର୍ଶକଙ୍କୁ ଆଉ ଦେଖିବାକୁ ମିଳିବନି ଝାଇଁମରା ନାଚ। ଖୋଲା ମଞ୍ଚ ଯାତ୍ରାରେ ନାଟକକୁ ନେଇ ଦର୍ଶକଙ୍କ ଭିତରେ କ୍ରେଜ୍ ବଢୁଛି। ହେଲେ ନାଟକରେ ଆ।ଇଟମ୍ ଡ୍ୟାନ୍ସକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଉଛି।

ଯାହାକୁ ନେଇ ନାନା ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର କଠୋର ହେଉଛନ୍ତି।

ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଖୁବଶୀଘ୍ର ଆସିବ ଆଇନ। ରାଜ୍ୟ ସରକାର ଏହାକୁ ସମ୍ବେଦନଶୀଳ ଭାବେ ଗ୍ରହଣ କରିଛନ୍ତି। ଏହାକୁ ନେଇ ବିଚାର ବିମର୍ଶ ଚାଲିଛି। ଯାତ୍ରା ପାର୍ଟିର ■ପୃଷ୍ଠା-୬





ତ୍ୱଚା ପାଇଁ ଫୁଲ ଓ ଟମାଟୋର କରାମତି

ଫୁଲ କେବଳ ଆମ ବାତାବରଣକୁ ମହକାଇଥାଏ ତାହା ନୁହେଁ ବରଂ ଏହା ଦ୍ୱାରା ଶାରୀରିକ, ମାନସିକ ଓ ସୌନ୍ଦର୍ଯ୍ୟ ସହ ଜଡିତ ଅନେକ ସମସ୍ୟା ଦୂର କରିଥାଏ। ଏହାକୁ ବିଶେଷ ଭାବେ ଫୁଲ ଚିକିତ୍ସା (ଫ୍ଲାୱାର ଥେରାପି) ବୋଲି କୁହାଯାଏ। ଜାଣନ୍ତୁ ଏହା ବିଷୟରେ .

୧- ଗୋଲାପ ଫୁଲର ପାଖୁଡା ଖିରରେ ପକାଇ ଫୁଟାଇ ନିୟମିତ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ। ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ହୋଇଥାଏ। ଗୋଲାପ ପାଖୁଡାକୁ ଖିରରେ ପକାଇ ପେଷି ଏହାକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚାର ଚମକ ଦ୍ୱିଗୁଣିତ ହୋଇଥାଏ। ଓଠରେ ଲଗାଇବା ଦ୍ୱାରା ଓଠର କଳାପଣ ଦୂର ହୋଇ ଗୋଲାପି ହୋଇଥାଏ।

୨- ସୂର୍ଯ୍ୟମୁଖୀ ଫୁଲକୁ ନଡିଆ ତେଲରେ ମିଶାଇ କିଛି ଦିନ ଯାଏଁ ଖରାରେ ରଖନ୍ତୁ। ଏହାପରେ ଏହାକୁ ନିଜ ଶରୀରରେ ମାଲିସ କରନ୍ତୁ। ଏହା ଦ୍ୱାରା ଚର୍ମ ଜନିତ ବିଭିନ୍ନ ରୋଗ ଦୂର ହୋଇଥାଏ।

ଟମାଟୋ ତ୍ୱଚା ପାଇଁ ବେଶ ଲାଭଦାୟକ। ଟମାଟୋର ରସକୁ ସମ୍ପୂର୍ଣ୍ଣ ମୁହଁରେ ଭଲ ଭାବେ ମାଲିସ କରନ୍ତୁ।ଏହା ମୁହଁର ଅନାବଶ୍ୟକ ତୈଳକୁ ନିୟନ୍ତ୍ରଣ କରିଥାଏ।

ଛାତ ଉପରେ ତୁଳସୀ ଗଛ ରଖୁଥିଲେ, ସାବଧାନ

ହିନ୍ଦୁ ଧର୍ମରେ ତଳସୀ ଗଛକୁ ଭଗବାନ କୃଷ୍ଣଙ୍କ ସ୍ୱରୂପ ବୋଲି ବିଶ୍ୱାସ କରାଯାଏ। ଏଥିପାଇଁ ପ୍ରାୟ ସମସ୍ତଙ୍କ ଘରେ ତୁଳସୀ ଗଛକୁ ପୂଜା କରାଯାଏ। ତୁଳସୀ ଗଛକୁ ପୂଜା କରିବା ଦ୍ୱାରା ସମସ୍ତ ରିଷ୍ଟ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ବାସ୍ତୁଶାସ୍ତ୍ରରେ ମଧ୍ୟ ଏହି ଗଛରେ ଅନେକ ମହତ୍ୱ ରହିଛି। ଏହା ସୁଖ, ସମୃଦ୍ଧତା ଏବଂ କଲ୍ୟାଣକାରୀ ଜୀବନର ପ୍ରତୀକ ବୋଲି କୁହାଯାଇଛି। ତେବେ ତୁଳସୀ ଗଛକୁ ଘରର ସଠିକ୍ ସ୍ଥାନରେ ଯଦି ନ ରଖାଯାଏ ତେବେ ଏହା ଅଶୁଭ ଫଳ ଦେଇଥାଏ। ତେଣୁ ତୁଳସୀ ଗଛକୁ ଘରର କେଉଁ ସ୍ଥାନରେ ରଖିବା ଉଚିତ ନୁହେଁ ଆସନ୍ତୁ ଜାଣିବା।

- କିଛି ଲୋକଙ୍କ ଘରେ ସ୍ଥାନ ଅଭାବ ଯୋଗୁଁ ଲୋକମାନେ ଘରର ଛାତ ଉପରେ ତୁଳସୀ ଗଛକୁ ରଖନ୍ତି। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ତୁଳସୀ ଗଛକୁ ଛାତ ଉପରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ଏହା ଅଶୁଭ ଫଳ ଦେଇଥାଏ। ଘରକୁ ନକରାତ୍ମକ ଶକ୍ତି ପ୍ରେବଶ କରିଥାଏ।

- ଯେଉଁମାନଙ୍କ ରାଶିଫଳରେ ବୁଧ ଗ୍ରହ ଧନ ସହ ସମ୍ପର୍କ ରଖିଥାଏ, ବାସ୍ତୁଶାସ୍ତ୍ର ଅନୁଯାୟୀ ସେହି ଲୋକମାନେ ଯଦି ତୁଳସୀ ଗଛକୁ ଘରର ଛାତ ଉପରେ ରଖି ପୂଜା କରୁଥିବେ ତେବେ ସେମନାଙ୍କ ଧନ ହାନୀ ଘଟିବ। ଏଥିସହ ଆର୍ଥୀକ ସମ୍ପତ୍ତି କମିଯିବ।

- ବିଶ୍ୱାସ ରହିଛି ଯେ, ଯେଉଁମାନଙ୍କ ଘରର ଛାତ ଉପରେ ତୁଳସୀ ଗଛ ରଖାଯାଇଥାଏ, ସେହି ଘରେ ପକ୍ଷୀ କିମ୍ବା ପାରା ଆସି ବସା ତିଆରି କରନ୍ତି। ଏହା ଅଶୁଭ ଲକ୍ଷଣ ଅଟେ।

- ତୁଳସୀ ଗଛକୁ ଘରର ପୂର୍ବ ଦିଗରେ ରଖିବା ଉଚିତ ନୁହେଁ। ଏଭଳି ରଖିବା ଦ୍ୱାରା ବ୍ୟବସାୟରେ କ୍ଷତି ହୋଇଥାଏ। ଏଥିସହ ପରିବାର ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇଥାଏ।

- ଯଦି ଆପଣ ତୁଳସୀ ଗଛକୁ ଛାତ ଉପରେ ରଖିଛନ୍ତି, ତେବେ ବିଶ୍ୱାସ ରହିଛି ଯେ ଘରର ଉତ୍ତର ଦିଗରେ ପିମ୍ପୁଡ଼ି ବାହାରିବା ଆରମ୍ଭ କରିବ କିମ୍ବା ଉତ୍ତର ଦିଗର କୌଣସି ନା କୌଣସି ସ୍ଥାନରେ ଫାଟ ସୃଷ୍ଟି ହେବା ଆରମ୍ଭ ହେବ।

-ତେଣୁ ବାସ୍ତୁଶାସ୍ତ୍ର ଅନୁସାରେ ତୁଳସୀ ଗଛକୁ ସର୍ବଦା ଘରର ଉତ୍ତର ଦିଗ ତଥା ଐଶାନ୍ୟ କୋଣରେ ରଖିବା ଉଚିତ। ଅପଣ ଚାହିଁଲେ ତୁଳସୀ ଗଛକୁ ପଶ୍ଚିମ ଦିଗରେ ମଧ୍ୟ ରଖିପାରିବେ। ଏଭଳି କରିବା ଦ୍ୱାରା ଘର ପରିବାରରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ।

ଶରୀରରେ କମିଯାଉଛି କି ଅକ୍ସିଜେନ୍ ସ୍ତର ?

କରୋନା ସମଗ୍ର ବିଶ୍ୱରେ ବ୍ୟାପି ଚାଲିଛି। ଏଥିପାଇଁ ଅନେକ ରୋଗୀଙ୍କର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଉଛି। ଲୋକଙ୍କ ଶରୀରରୁ ଅକ୍ସିଜେନ୍ ସ୍ତର କମିବାକୁ ଲାଗୁଛି । ଏହି ସମସ୍ୟାକୁ ଦୁର କରିବା ପାଇଁ , ଆପଣଙ୍କର ଦୈନନ୍ଦିନ ଖାଦ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଆପଣ ଆୟୁର୍ବେଦ ଜିନିଷଗୁଡ଼ିକୁ ମଧ୍ୟ ବ୍ୟବହାର କରିପାରିବେ । ତେବେ ଆସନ୍ତୁ ଆଜି ଆୟୁର୍ବେଦ ଦ୍ୱାରା କୁହାଯାଇଥିବା କିଛି ଜିନିଷ

କାଢା :କରୋନା ରୋଗରୁ ରକ୍ଷା ପାଇବା ପାଇଁ କାଢା ପିଇବା ସର୍ବୋତ୍ତମ ବିକଳ୍ପ । ଏହାକୁ ପ୍ରତିଦିନ ଅଳ୍ପ ପରିମାଣରେ ପିଇବା ଦ୍ୱାରା ଅମ୍ଳଜାନ ସ୍ତର ବୃଦ୍ଧି ହୋଇଥାଏ। ଏହାକୁ ତିଆରି କରିବା ପାଇଁ ଆପଣ ଗୁଡ, ଗୋଲମରିଚ, ଲବଙ୍ଗ, ଅଦା ଏବଂ ତୁଳସୀ ପତ୍ର ବ୍ୟବହାର କରନ୍ତୁ। କିନ୍ତୁ ଏହାକୁ ଅଧିକ ମାତ୍ରାରେ ପିଅନ୍ତୁ ନାହିଁ।

ୟୁକ୍ଲିପଟାସ୍ ତେଲ : ଏଥିରେ ଥିବା ଆଣ୍ଟି-ଇନଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆ, ଆଣ୍ଟି-ଭାଇରାଲ୍ ଗୁଣ ଥଣ୍ଡା, ଛିଙ୍କ, କାଶ ଇତ୍ୟାଦିରୁ ମୁକ୍ତି ଦେଇଥାଏ । ଔଷଧୀୟ ଗୁଣରେ ଭରପୂର, ଏହି ତେଲ ଔଷଧ ତିଆରିରେ ମଧ୍ୟ ବ୍ୟବହୃତ ହୋଇଥାଏ । ଏହି ତେଲର ଗନ୍ଧ ନାକ ଏବଂ ଗଳାରେ ଥିବା ଜୀବାଣୁକୁ ମାରିଦେଇଥାଏ। ଏହା ସହିତ ଜଡିତ ସମସ୍ୟାଗୁଡିକ ମଧ୍ୟ ଦୂର ହୁଏ।

ସ୍ପ୍ରାଉଟ୍ :ସ୍ପ୍ରାଉଟ୍‌ରେ ଫାଇବର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ। ଏହାକୁ ଖାଇବା ଦ୍ୱାରା ଶ୍ୱାସକ୍ରିୟା ସମସ୍ୟା ଦୂର ହୋଇଥାଏ। ତେଣୁଏହାକୁ ପ୍ରତିଦିନ ଜଳଖିଆରେ ଖାଇବା ସର୍ବୋତ୍ତମ ବିକଳ୍ପ। ଏହା ଇମ୍ୟୁନିଟିକୁ ଦୃଢ କରି କାର୍ଯ୍ୟ କରିବାର ଶକ୍ତି ବଢାଇଥାଏ।

କର୍ପୂର : କର୍ପୂର ଔଷଧୀୟ ଏବଂ ଆଣ୍ଟି-ବ୍ୟାକ୍ଟେରିଆ ଗୁଣରେ ଭରପୂର ଅଟେ। ଏହାକୁ ସୁଙ୍ଘିବା କିମ୍ବା ବାମ୍ଫ ନେବା ଦ୍ୱାରା ଥଣ୍ଡା, ବନ୍ଦ ନାକ, ଛିଙ୍କ, ଏବଂ ଶ୍ୱାସକ୍ରିୟା ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ଆପେଲ୍ : ପ୍ରତ୍ୟେକ ଦିନ ଗୋଟିଏ ଆପଲ୍ ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ। ଏଥିରେ ଭିଟାମିନ୍-ସି, ଆଇରନ୍, କ୍ୟାଲସିୟମ୍, ଅଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ଏହା ରୋଗ ପ୍ରତିରୋଧକ ଶକ୍ତି ଏବଂ ଅମ୍ଳଜାନ ସ୍ତରକୁ ବଢାଇବାରେ ସାହାଯ୍ୟ କରିଥାଏ।

ପ୍ରିୟଜନଙ୍କୁ ଦିଅନ୍ତୁ ଆଲମଣ୍ଡ ଉପହାର

ପ୍ରତିଦିନ ପ୍ରେମ, ସ୍ନେହ ଏବଂ ବନ୍ଧୁତ୍ୱର ଭାବନାକୁ ସ୍ମରଣ କରିବା ପାଇଁ ଫେବୃଆରୀ ୧୪ରେ ଭାଲେନ୍‌ଣ୍ଟାଇନ୍ସ ଦିବସ ରୂପେ ପାଳନ କରାଯାଏ । ଭାଲେନ୍‌ଣ୍ଟାଇନ୍ସଙ୍କ ପାଇଁ ଉତ୍ସର୍ଗୀକୃତ ଏହି ଦିନ ସାରା ବିଶ୍ୱରେ ପାଳନ କରାଯାଏ ଯେଉଁଥିରେ ଲୋକମାନେ ପରସ୍ପରଙ୍କୁ ଅନେକ ଉପହାର ଦେଇଥାନ୍ତି । ଏହି ବର୍ଷ ମହାମାରୀ ସହିତ ଆସନ୍ତୁ ଆମ ପ୍ରିୟଜନଙ୍କ ସହିତ ଆଲମଣ୍ଡ ପରି ଭାବପ୍ରବଣ ଉପହାର ବାଣ୍ଟିବା, ଯାହା କେବଳ ସେମାନଙ୍କ ମୁହଁରେ ହସ ଫୁଟାଇବା ନାହିଁ , ବରଂ ସେମାନଙ୍କର ସ୍ୱାସ୍ଥ୍ୟ, ରୋଗ ପ୍ରତିରୋଧକ ଶକ୍ତି ଏବଂ ଦୀର୍ଘସ୍ଥାୟୀ କଲ୍ୟାଣ କରିବ । ଆଲମଣ୍ଡ ଭିଟାମିନ ଇ, ମେଗ୍ନସିୟମ, ପ୍ରୋଟିନ, ରାଇବୋଫ୍ଲେଭିନ, ଦସ୍ତା ଭଳି ୧୫ଟି ପୋଷଣର ଉତ୍ସ ଅଟେ ଏବଂ ରକ୍ତରେ ଶର୍କରା ପରିଚାଳନା କରିବାରେ ସାହାଯ୍ୟ କରିବା ସହିତ ହୃଦୟ ସ୍ୱାସ୍ଥ୍ୟ , ଚର୍ମ ସ୍ୱାସ୍ଥ୍ୟ ଏବଂ ଓଜନ ପରିଚାଳନା ପାଇଁ ଅନେକ ଲାଭ ପ୍ରଦାନ କରିଥାଏ ।

ଏଥିରେ ନିଜ ମନ୍ତବ୍ୟ ଦେଇ ଅଭିନେତ୍ରୀ ସୋହାଅଲ୍ଲୀ ଖାନ କହିଛନ୍ତି ଯେ, "ଭେଲଣ୍ଟାଇନ ଦିବସରେ ଉପହାର ବିନିମୟ ପ୍ରଥା ରହିଛି କିନ୍ତୁ ଏହା ପାରମ୍ପାରିକ ଭାବରେ ଚକୋଲେଟ ଏବଂ ଅନ୍ୟାନ୍ୟ ଶର୍କରା ଖାଦ୍ୟରେ ସୀମିତ, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ନୁହେଁ । ମୋର ପରାମର୍ଶ ହେଉଛି, ଆପଣଙ୍କ ପ୍ରିୟ ବ୍ୟକ୍ତିଙ୍କ ପାଇଁ ଉପହାର ବାଛିବାବେଳେ ସ୍ୱାଦିଷ୍ଟ ହୋଇଥିବ ତଥାପି ସ୍ୱାସ୍ଥ୍ୟ ଉପକାରର ବିବିଧତା ପ୍ରଦାନ କରୁଥିବା ଖାଦ୍ୟ ଦେଖନ୍ତୁ । ଏଥିପାଇଁ ମୋର ଏକ ପ୍ରମୁଖ ପରାମର୍ଶ ହେଉଛି ଭାରତରେ ବର୍ତ୍ତମାନ ଭାବରେ ସାଧାରଣ ହେଉଥିବା ମଧୁମେହ ପରି ଜୀବନଶୈଳୀ ରୋଗକୁ ଉପବାସରେ ଇନସୁଲିନ ସ୍ତରକୁ ପ୍ରଭାବିତ କରୁଥିବା କାର୍ବୋହାଇଡ୍ରେଟ ଖାଦ୍ୟର ରକ୍ତ ଶର୍କରା ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରି ଭଲ ଭାବରେ ପରିଚାଳନା କରିବାରେ ଏଲମଣ୍ଡ ସାହାଯ୍ୟ କରିପାରିବ । "

ଜୀବନ ସହ ଜଡିତ ଅନେକ ସମସ୍ୟାର ସମାଧାନ କରେ ହଳଦୀ

ଭାରତୀୟ ବ୍ୟଞ୍ଜନରେ ହଳଦୀର ମୁଖ୍ୟ ଭୂମିକା ରହିଛି। ଭାରତୀୟ ମସଲାରେ ହଳଦୀର ଅନେକ ମହତ୍ତ୍ୱ ରହିଛି। ହଳଦୀ ବିନା ଯେକୌଣସି ବ୍ୟଞ୍ଜନ ଅଧୁରା। ଏହା ବ୍ୟଞ୍ଜନର ରଙ୍ଗ ବଢାଇବା ସହ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହିତକର। ହଳଦୀର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି। ହଳଦୀ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଜ୍ୟୋତିଷଶାସ୍ତ୍ରରେ ମଧ୍ୟ ହଳଦୀର ଅନେକ ମହତ୍ତ୍ୱ ରହିଛି। ହଳଦୀ କେବଳ ଏକ ମସଲା ନୁହେଁ ବରଂ ଗ୍ରହ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଆର୍ଥିକ ସମସ୍ୟା ମଧ୍ୟ ଦୂର କରିଥାଏ।

ଜାଣନ୍ତୁ ହଳଦୀ ସମ୍ବନ୍ଧୀୟ କିଛି ବିଶେଷ ଜ୍ୟୋତିଷ

ଉପାୟ :

୧. ପ୍ରତି ଗୁରୁବାର ଦିନ ଘରେ ହଳଦୀ ପାଣି ଛିଞ୍ଚନ୍ତୁ। ଏହିଭଳି କଲେ ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଏବଂ ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ।

୨. ଯଦି କୌଣସି ଜରୁରୀ କାମ ପାଇଁ ବାହାରକୁ ଯାଉଛନ୍ତି ତାହେଲେ ହଳଦୀର ତିଳକ ଲଗାଇ ଘରୁ ଯାଆନ୍ତୁ। ଏହା ଶୁଭ ବୋଲି କୁହାଯାଏ। ହଳଦୀ ତିଳକ ଲଗାଇ ଗଲେ ସବୁ କାର୍ଯ୍ୟ ସିଦ୍ଧି ହୋଇଥାଏ ବୋଲି କୁହାଯାଏ।

୩. ଘରର ଚାରିପଟେ ହଳଦୀରେ ରେଖା ଟାଣି ଦିଅନ୍ତୁ। ଜ୍ୟୋତିଷଶାସ୍ତ୍ରରେ ଏହାକୁ ବହୁତ ଶୁଭ ବୋଲି କୁହାଯାଏ। ଏହିଭଳି କଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେନାହିଁ ଓ ଘରେ ଥିବା ସକାରାତ୍ମକ ଶକ୍ତି ବଜାୟ ରହେ।

୪. ଯଦି କେହି ବ୍ୟକ୍ତି ମାନସିକ ସ୍ତରରେ ଚିନ୍ତିତ ଥାଆନ୍ତି କିମ୍ବା ଅବସାଦଗ୍ରସ୍ତ ଥାଆନ୍ତି ତାହେଲେ ତାଙ୍କୁ ପ୍ରତିଦିନ ହଳଦୀ ପାଣିରେ ସ୍ନାନ କରିବା ଉଚିତ। ଏହାଦ୍ୱାରା ବ୍ୟକ୍ତି ଉର୍ଜାବାନ ଅନୁଭବ କରେ ବୋଲି କୁହାଯାଏ ଏବଂ ସବୁ ପ୍ରକାର ଖରାପ ଚିନ୍ତାରୁ ମଧ୍ୟ ମୁକ୍ତ ହୋଇଥାଏ।

୫. ଯଦି ଆପଣଙ୍କ କୁଣ୍ଡଳୀରେ ବୃହସ୍ପତି ଗ୍ରହ ଦୁର୍ବଳ ସ୍ଥିତିରେ ଥାଆନ୍ତି ତାହେଲେ ଏବଂ ଆପଣ ବୃହସ୍ପତିଙ୍କୁ ମଜବୁତ କରିବାକୁ ଚାହୁଁଥାନ୍ତି ତାହେଲେ ପ୍ରତିଦିନ ପୂଜା ସମୟରେ ମଣିବନ୍ଧ କିମ୍ବା ବେକରେ ହଳଦୀ ଟୀକା ଲଗାଇବା ଉଚିତ। ଏହା ଦ୍ୱାରା ଗୁରୁ ଗ୍ରହ ମଜବୁତ ହୋଇଥାଏ।

୬. ହଳଦୀ କେବଳ ଉପଯୋଗ ପାଇଁ ନୁହେଁ ବରଂ ଦାନ ପାଇଁ ମଧ୍ୟ ଶୁଭ ହୋଇଥାଏ। ହଳଦୀ ଦାନ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି କୁହାଯାଏ।

୭. ଯଦି ରାତିରେ ଶୋଇବା ସମୟରେ ଖରାପ ସ୍ୱପ୍ନ ଆସୁଥାଏ ତାହେଲେ ଗଣ୍ଠି ହଳଦୀରେ ନାଲି ପୂଜା ସୁତା ବାନ୍ଧି ରାତିରେ ଶୋଇବାବେଳେ ମୁଣ୍ଡ ପାଖରେ ରଖି ଦିଅନ୍ତୁ। ଏହି ଉପାୟ ଦ୍ୱାରା ଆଉ ଖରାପ ସ୍ୱପ୍ନ ଆସିବନି।

ଖୁସିର ଚାବିକାଠି

ଅକଜିକାଲି ଅଧିକାଂଶ ଲୋକ ମାନସିକ ବିଷାଦଗ୍ରସ୍ତ ବା ଡିପ୍ରେସନର ଶିକାର ହେଉଛନ୍ତି। ଫଳରେ ସେମାନେ ଅନେକ

ଭୁଲ୍ ତଥା ସାଂଘାତିକ ପଦକ୍ଷେପମାନ ନେଉଛନ୍ତି। ଖାସ୍ କରି ଏହି କରୋନା କାଳରେ ଲୋକେ ଅଧିକ ଚାପରେ ରହୁଛନ୍ତି। ତେଣୁ ଏଥିରୁ ମୁକ୍ତି ପାଇବାର ଏକମାତ୍ର ଉପଚାର ହେଉଛି ଖୁସିରେ ରହିବା। ଯଦି ଆପଣ ବି ଏହି ଚାପରେ ରହିଛନ୍ତି, କିଛି ସରଳ ଉପାୟ ଆପଣାଇ ଚାପମୁକ୍ତ ରହିବା ସହ ପୂର୍ବ ପରି ଖୁସିରେ ରହିପାରିବେ। ଆସନ୍ତୁ ଜାଣିବା ସେ ବିଷୟରେ -

- ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ବୁଲିବାକୁ ଯାଆନ୍ତୁ ଓ ହାଲୁକା ବ୍ୟାୟାମ କିମ୍ବା ଯୋଗ କରନ୍ତୁ।

- ସକାଳ ବା ପ୍ରାତଃକାଳ ଏବଂ ଶୋଇବା ସମୟରେ ୧୫ ମିନିଟ୍ ପାଇଁ ଭଗବାନଙ୍କ ଧ୍ୟାନ କରନ୍ତୁ।

- ନିଜକୁ ଜାଣନ୍ତୁ ନିଜର ପ୍ରତିଭା, କ୍ଷମତା ଏବଂ ସୀମାକୁ ଚିହ୍ନନ୍ତୁ।

- ଯାହା ଅଛି ସେଥିରେ ସନ୍ତୁଷ୍ଟ ରୁହନ୍ତୁ ଏବଂ କାର୍ଯ୍ୟ କରିବା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖନ୍ତୁ।

- ଉତ୍ସାହ ଏବଂ ଆତ୍ମବିଶ୍ୱାସ ସହିତ କାର୍ଯ୍ୟ କରନ୍ତୁ ଏବଂ ଏକ ବ୍ୟବସ୍ଥିତ ଦିନଚର୍ଯ୍ୟାରେ ଅଭ୍ୟସ୍ତ ରୁହନ୍ତୁ ।

- ସର୍ବଦା ସକାରାତ୍ମକ ଚିନ୍ତା କରନ୍ତୁ ଯ ନକାରାତ୍ମକ ଚିନ୍ତାଧାରା ଶକ୍ତି ନଷ୍ଟ କରେ।

- ସର୍ବଦା ବର୍ତ୍ତମାନରେ ରୁହନ୍ତୁ। ଅତୀତ ଏବଂ ଭବିଷ୍ୟତ ବିଷୟରେ ବୃଥା ଚିନ୍ତାରୁ ଦୂରେଇ ରହି ସର୍ବଦା ଖୁସି ରୁହନ୍ତୁ ଏବଂ ହସି ହସି ବଞ୍ଚିବା ଶିଖନ୍ତୁ ।

- ଏକ ସରଳ ଜୀବନଯାପନ କରନ୍ତୁ। ଜୀବନରେ ଗୁଣବତ୍ତା ଉପରେ ବିଶ୍ୱାସ ରଖନ୍ତୁ ଦେଖାଇହେବା ଠାରୁ ଦୂରେଇ ରୁହନ୍ତୁ।

ମିଲିଟାରୀ ଷ୍ଟେସନରେ ଦୀପାବଳି ପାଳିଲେ ରାଜ୍ୟପାଳ

ଭୁବନେଶ୍ୱର,୩୦।୧୦ (ମହାଭାରତ): ଭୁବନେଶ୍ୱରସ୍ଥିତ ମିଲିଟାରୀ ଷ୍ଟେସନଠାରେ ସୈନିକ ଏବଂ ତାଙ୍କ ପରିବାର ବର୍ଗଙ୍କ ସହ ଦୀପାବଳି ପାଳିଛନ୍ତି ରାଜ୍ୟପାଳ ରଘୁବର ଦାସ। ମଙ୍ଗଳବାର

ଦିନ ମିଲିଟାରୀ ଷ୍ଟେସନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ ସମସ୍ତଙ୍କ ପରିବାରର ସୁଖ, ଶାନ୍ତି ଏବଂ ସମୃଦ୍ଧି କାମନା କରିଥିଲେ। ଦୀପାବଳି ଅବସରରେ ସେନା ଓ ତାଙ୍କ ପରିବାର ଗହଣକୁ ଆସି ନିଜକୁ ଭାଗ୍ୟବାନ ମନେ କରନ୍ତି ବୋଲି କହିଥିଲେ। ଉପସ୍ଥିତ ସୈନିକମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଲୋକମାନେ ପରିବାର ସହିତ ଦୀପାବଳି ମନାଉଥିବା ବେଳେ ଆପଣମାନଙ୍କ ମଧ୍ୟରୁ ଅନେକ ନିଜ ପରିବାର, ବନ୍ଧୁ ପରିଜନଠାରୁ ଦୂରରେ ରହି ରାଷ୍ଟ୍ରର ସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଦୀପାବଳୀ ହେଉଛି ଅସତ୍ୟ ଉପରେ ସତ୍ୟର ଏବଂ ଅନ୍ଧାର ଉପରେ ଆଲୋକର ବିଜୟର ପ୍ରତୀକ। ଦେଶର ବାହାଦୂର ଯବାନମାନଙ୍କ ପାଇଁ ଆମ ଗୌରବଶାଳୀ ଦେଶ ସୁରକ୍ଷିତ ରହିଛି। ଯେକେହି ଆମ ଦେଶ ପ୍ରତି ଆଙ୍ଗୁଳି ଉଠାଇଲେ ଆମ ଯବାନମାନେ ତାର ଉଚିତ୍ ଜବାବ ଦେବେ ବୋଲି ରାଜ୍ୟପାଳ କହିଥିଲେ। ଷ୍ଟେସନ କମାଣ୍ଡର ତଥା ଛତିଶଗଡ଼ ଓ ଓଡ଼ିଶା ସବ୍-ଏରିଆର କମାଣ୍ଡର ବ୍ରିଗେଡିୟର ଅମନ ଆନନ୍ଦ ଭି.ଏସ୍.ଏମ୍. ଉକ୍ତ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟପାଳ ସୈନିକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ସହ ବାର୍ତାଳାପ କରିବା ସହ ଦୀପାବଳି ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର, ଗୋପାଳପୁର, ବାଲେଶ୍ୱରରେ ଅବସ୍ଥାପିତ ସଶସ୍ତ୍ର ବଳରେ ସେବାରତ ଅଧିକାରୀ/କର୍ମଚାରୀ ଓ ସେମାନଙ୍କର ପରିବାର, ଅବସରପ୍ରାପ୍ତ ସେନା ଅଧିକାରୀ, ଏନ୍.ସି.ସି. କ୍ୟାଡେଟ୍ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଓଏଏସ୍ ସ୍ତରରେ ଅଦଳ ବଦଳ

ଭୁବନେଶ୍ୱର,୩୦।୧୦ (ମହାଭାରତ): ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଡ଼ ଧରଣର ବଦଳି କରିଛନ୍ତି। ୨୨ଜଣ ଓଏଏସ୍ ଅଫିସରଙ୍କ ବଦଳି କରିଥିବା ବେଳେ ଜଣେ ବରିଷ୍ଠ ଓଏଏସ୍ ମନୋଜ କୁମାର ପାଢ଼ୀଙ୍କୁ ଦିଆଯାଇଥିବା ଅତିରିକ୍ତ ଦାୟିତ୍ୱ (ଟିଚର୍ସ ଟ୍ରେନିଂ ଆଣ୍ଡ ଏସଏସିଇଆରଟି ନିର୍ଦ୍ଦେଶକ) କାଢ଼ି ନେଇଛନ୍ତି। ଶ୍ରୀ ପାଢ଼ୀ କେବଳ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଇବେ। ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ସୁଧାକର ଶବରଙ୍କୁ ବିଜ୍ଞାନ ଓ ବୈଷୟିକ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଶ୍ରୀ ଶବର ଏବେ ରାଜ୍ୟ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହେବାର ଠିକ୍ ପୂର୍ବରୁ ଯୋଗାଣ ନିଗମର ଜେନେରାଲ ମ୍ୟାନେଜରଙ୍କୁ ବଦଳି କରାଯିବାକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଜୋର ଧରିଛି।

ସେହିପରି ବରିଷ୍ଠ ଓଏଏସ୍ ମିହିର ପ୍ରସାଦ ମହାନ୍ତିଙ୍କୁ ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ଭବେଶ କୁମାର ନାୟକଙ୍କୁ ରାଜ୍ୟ ବିହନ ନିଗମରର ପରିଚାଳନା ନିର୍ଦ୍ଦେଶକ ପଦବୀରୁ ହଟାଇ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଅତିରିକ୍ତ ଅବକାରୀ କମିଶନର, ରଜନୀକାନ୍ତ ସ୍ୱାଇଁଙ୍କୁ ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନର ଅତିରିକ୍ତ ସଚିବ, ଧର୍ମାନନ୍ଦ ବେହେରାଙ୍କୁ ମୟୂରଭଞ୍ଜ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସିଡିଓ, ତରଣୀସେନ ନାଏକଙ୍କୁ ସମ୍ବଲପୁର ଆରଡିସିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବନ୍ଦୋବସ୍ତ ଓ ଚକବନ୍ଦୀ କମିଶନର ଭାବେ ବଦଳି କରାଯାଇଛି। କେରାପୁଟ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାଶୀଷ ପଟ୍ଟନାୟକଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ, ବୋର୍ଡ ଅଫ ରେଭେନ୍ୟୁର ଯୁଗ୍ମ ସଚିବ ଦେବାଶୀଷ ପଟ୍ଟନାୟକ(ବି)ଙ୍କୁ ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସିଡିଓ ଭାବେ ବଦଳି ହୋଇଛି।

ଜାପାନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା

ଆୟୁର୍ବେଦ ହେଉଛି ବିଶ୍ୱକୁ ଭାରତର ଶ୍ରେଷ୍ଠ ଅବଦାନ

ଭୁବନେଶ୍ୱର,୩୦।୧୦ (ମହାଭାରତ): ଆୟୁର୍ବେଦ ହେଉଛି ଭାରତର ସର୍ବ ପୁରାତନ ଚିକିତ୍ସା ପଦ୍ଧତି। ଚରକ, ସୁଶ୍ରୁତ ଓ ବାଗଭଟ ଏହାକୁ ମାନବ ଜାତିର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ଓ ପ୍ରୟୋଗ କରି ସଫଳ ହୋଇଥିଲେ। ଏବେ ଭାରତରେ ଆୟୁର୍ବେଦର ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ବିଦେଶରେ ମଧ୍ୟ ଜନାଦୃତ ହେଉଛି। ବହୁ ପୁରାତନ ଓ ଜଟିଳ ରୋଗ ଆୟୁର୍ବେଦ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ମୂଳୋତ୍ପାଟନ ହେଉଥିବା ବେଳେ ଅନିୟମିତ ଜୀବନଶୈଳୀ, ସାମାଜିକ ଓ କାର୍ଯ୍ୟ ଚାପରୁ ସୃଷ୍ଟି ହେଉଥିବା ରୋଗ ଉପରେ ଏହା ନିଶ୍ଚିତ ଭାବେ ପ୍ରଭାବ ବିସ୍ତାରକାରୀ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି।

ବାଚସ୍ପତି ତାଙ୍କର ବିଦେଶ ଗସ୍ତର ପ୍ରଥମ ଦିନରେ ଜାପାନର ଟୋକିଓ ଠାରେ ପହଞ୍ଚିଥିବା ବେଳେ ସେଠାରେ ଥିବା ଭାରତୀୟ

ଦୂତାବାସ ପକ୍ଷରୁ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଶ୍ୱ ଆୟୁର୍ବେଦ ଦିବସ ଉପଲକ୍ଷେ ବାଚସ୍ପତି ନିଜର ମତ ଓ ବକ୍ତବ୍ୟ ଉପସ୍ଥାପନ କରି କହିଲେ ଯେ ଆୟୁର୍ବେଦ ହେଉଛି ବିଶ୍ୱକୁ ଭାରତର ଶ୍ରେଷ୍ଠ ଅବଦାନ। କାର୍ଯ୍ୟକ୍ରମରେ ଭାରତ ପକ୍ଷରୁ ଜାପାନ ଠାରେ ଅବସ୍ଥିତ ରାଷ୍ଟ୍ରଦୂତ ସି.ବି ଜର୍ଜ ଟୋକିଓ ସ୍ଥିତ ଭାରତୀୟ ଦୂତାବାସର ମୁଖ୍ୟ ଦେବଯାନୀ ଚକ୍ରବର୍ତ୍ତୀ ଓସାକାର ପ୍ରଥମ ସଚିବ ଉଦିତ ଗୌରବ ଓ ଟୋକିଓଠାରେ ଥିବା ପ୍ରବାସୀ ଓଡ଼ିଶାମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଏଥିରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିବା ବେଳେ ଉପସ୍ଥିତ ଜନତା ଓଡ଼ିଶା ଶୈଳୀ ଓ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ବାଚସ୍ପତିଙ୍କ ସହ ବିଦେଶ ଗସ୍ତରେ ଏହି କାର୍ଯ୍ୟକ୍ରମ ଅବସରରେ ବିଧାନସଭାର ସଚିବ ଦାଶରଥି ଶତପଥି ଉପସ୍ଥିତ ଥିଲେ।

ସଂସ୍କୃତି ଚର୍ଚ୍ଚା ସମାରୋହ

ଉତ୍କଳୀୟ କଂସା କଳାରେ ଆମ ଅସ୍ମିତା

ଭୁବନେଶ୍ୱର,୩୦।୧୦ (ମହାଭାରତ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୯ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ସେଣ୍ଟ୍ରାଲବ୍ୟାଙ୍କ ଅଫ୍ ଇଣ୍ଡିଆ ଡେପୁଟି ରିଜିଓନାଲ ମ୍ୟାନେଜର ସୁଦର୍ଶନ ସାହୁ, ସ୍ୱାଗତଭାଷଣ ଦେଇଥିଲେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣକରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଶ୍ରୀମତୀ ବନାନୀ ମହାପାତ୍ର। ଉକ୍ତ ସଭାରେ ମନୋରଞ୍ଜନ ପାଣିଗ୍ରାହୀ, ସଂଗୀତ ହୋତା, ଡ. ନିବେଦିତା ମହାନ୍ତି, ଡ. ସତ୍ୟନାରାୟଣ ମିଶ୍ର, ଦୁର୍ଗାଚରଣ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ସୁଦର୍ଶନ ସାହୁ କଂସା ପିତ୍ତଳ କଳା ଓ କଳାକୃତିର ପୁନରୁଦ୍ଧାର ଓ ବ୍ୟବହାର ପାଇଁ ଗୁରୁତ୍ୱ ଦେଇଥିଲେ। ଶ୍ରୀସାହୁ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପର୍କିତ କଂସା ପିତ୍ତଳ କଳା, ଗଜପତି ସମ୍ପର୍କିତ କଳାକୃତି, କଂସାବାସନରେ ଫଙ୍ଗାଫନ୍ଦ କଳା, ପଖାଳ କଂସାରେ କଳାର ପ୍ରଭାବ, ପ୍ରାଚୀନ ହାତ ନକ୍ସାକଳା (କଂସା ପିତ୍ତଳ ବର୍ତ୍ତନ ଉପରେ), ଆଦିବାସୀ ଅଳଙ୍କାର, ଘର ଉପକରଣରେ କଂସାପିତ୍ତଳ କଳାର ରୂପ, ପାଇକ ଯୁଦ୍ଧାସ୍ତ୍ରରେ ପିତ୍ତଳ କଳାର ପ୍ରୟୋଗ, ଦର୍ପଣୀ କଳା (ଅଳସକନ୍ୟା/ଦର୍ପଣସୁନ୍ଦରୀ), ଶ୍ରୀମନ୍ଦିର ଯାନିଯାତ୍ରାରେ କଂସାରୀଙ୍କ ଘଣ୍ଟସେବା ଓ ତାମର ବିଶୋଇ ସେବା ଇତ୍ୟାଦି ଉପରେ ଗବେଷଣା ଲବ୍ଧ ତଥ୍ୟ ରଖିଥିଲେ। ଶ୍ରୀସାହୁ ପ୍ରାଚୀନ କଂସାପିତ୍ତଳ କଳା ସମ୍ବନ୍ଧିତ କଳାକୃତିର ଏକ ଛୋଟ ପ୍ରଦର୍ଶନୀ କରିଥିଲେ। ସେ ଗୁଡ଼ିକର ଉତ୍ପତ୍ତି, ବ୍ୟବହାର ଶୈଳୀ ଉପରେ ଆଲୋକପାତ କରିଥିଲେ। ପିତ୍ତଳ ବର୍ତ୍ତନରେ ରାନ୍ଧିବା, କଂସା ବର୍ତ୍ତନରେ ଖାଇବା, ତମ୍ବା ବର୍ତ୍ତନରେ ପାଣି ପିଇବାକୁ ଆମ ପୂର୍ବସୁରୀ ମାନେ ଚରକଙ୍କ ଚରକ ସଂହିତାରେ ଖ୍ରୀଷ୍ଟାବ୍ଦ ୪୦୦ରେ କହିଯାଇଛନ୍ତି ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ।

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ

ଭୁବନେଶ୍ୱର,୩୦।୧୦ (ମହାଭାରତ): ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ -୨୦୨୫ ଆଜିଠାରୁ ଆରମ୍ଭ ହେଉଛି । ୨୯ ଅକ୍ଟୋବର ୨୦୨୪ରୁ ୨୮ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଏକମାସ ଧରି ଏହି ସଂଶୋଧନ ପ୍ରକ୍ରିୟା ଚାଲିବ । ଏଥିନିମନ୍ତେ ବ୍ୟାପକ ଜନସଚେତନତା ଜାଗ୍ରତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ଏକ ବିଶାଳ ୱାକାଥନ୍ ଓ ପଥ ଉତ୍ସବର ଆୟୋଜନ କରାଯାଇଥିଲା । ପତାକା ଦେଖାଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆଁ.ଏସ୍.ଗୋପାଳନ୍ ଏହାର ଶୁଭାରମ୍ଭ କରିଥିଲେ । ରାଜଧାନୀର ମାଷ୍ଟରକ୍ୟାଂଟିନ୍ ଛକଠାରୁ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ଲାକାର୍ଡମାନ ଧରି ରାମମନ୍ଦିର ଆଡ଼କୁ ପଦଯାତ୍ରାରେ ଯାଇଥିଲେ । ପାରମ୍ପରିକ ବାଦ୍ୟର ପଛେ ପଛେ ଯାଉଥିବା ଛାତ୍ରଛାତ୍ରୀମାନେ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହିତ ଏହି ୱାକାଥନ୍‌ରେ ଭାଗ ନେଇ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାରେ ନିଜ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ । ପରେ କ୍ୟାପିଟାଲ ହାଇସ୍କୁଲ ନିକଟରେ ପଥ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ୍‌ଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଚଂଚଳ ରାଣା, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ମିହିର ପ୍ରସାଦ ମହାନ୍ତି, ଟୋକିଓ ପାରାଅଲିମ୍ପିକ୍‌ସର ବ୍ୟାଡ୍‌ମିଂଟନ୍ ବିଜେତା ଶ୍ରୀ ପ୍ରମୋଦ ଭଗତ, ପାରାଅଲିମ୍ପିକ୍‌ସର ୨ ହଜାର ମିଟର ଦୌଡ଼ ବିଜେତା ଶ୍ରୀ କମଳାକାନ୍ତ ନାୟକ, କିନ୍ନର ସାଧନା ମିଶ୍ର, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀକାନ୍ତ ସାହୁ, ଉପ ନିର୍ବାଚନ ଅଧିକାରୀ ଶ୍ରୀମତୀ ପଦ୍ମଜା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ୍ କହିଲେ ଯେ ପ୍ରତ୍ୟେକ ନାଗରିକ ଯେଉଁମାନଙ୍କର ବୟସ ୧୮ ବର୍ଷ ହୋଇଥିବ ସେମାନେ ଭୋଟର ତାଲିକାରେ ନିଶ୍ଚିତ ଭାବେ ନାମ ପଞ୍ଜିକରଣ କରିବା ଉଚିତ । ଭୋଟରମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ସହ ନିର୍ବାଚନରେ ଶତପ୍ରତିଶତ ଅଂଶଗ୍ରହଣ କରି ଗଣତନ୍ତ୍ରକୁ ମଜବୁତ କରିବା ହେଉଛି ଆମର ମୁଖ୍ୟ ଉଦ୍ଦେଶ୍ୟ । ଗଣତନ୍ତ୍ର ଓ ନିର୍ବାଚନ ହେଉଛି ଗୋଟିଏ ମୁଦ୍ରାର ଦୁଇପାଶ୍ୱର୍ ପରି ଓ ଗୋଟିଏ ବିନା ଅନ୍ୟଟି ସମ୍ଭବ ନୁହେଁ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଚଂଚଳ ରାଣା ମତବ୍ୟକ୍ତ କରିଥିଲେ । ଶ୍ରୀ ପ୍ରମୋଦ ଭଗତ କହିଲେ ଯେ ଭୋଟର ତାଲିକାର ଏହି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମୟରେ ଅଧିକରୁ ଅଧିକ ନୂତନ ଯୁବ ଭୋଟର (୧୮-୧୯ ବର୍ଷ)ଙ୍କୁ ତାଲିକାଭୁକ୍ତ କରିବା ବାସ୍ତବିକ ପ୍ରଶଂସନୀୟ କାର୍ଯ୍ୟ । ଶ୍ରୀ କମଳାକାନ୍ତ ନାୟକ କହିଲେ ଯେ ରାଜ୍ୟ ତଥା ଦେଶର ଭୋଟରମାନେ ସଚେତନ ରହି ନିରପେକ୍ଷ ଭାବେ ମତଦାନ କଲେ ଦେଶର ଗଣତନ୍ତ୍ର ସୁଦୃଢ଼ ହୋଇପାରିବ । କିନ୍ନର ସାଧନା ମିଶ୍ର କହିଲେ ଯେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସଠିକ ମାର୍ଗଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ଭୋଟର, ବିଶେଷ କରି ମହିଳା ଓ ଯୁବ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇବ, ଏଥିରେ ସନ୍ଦେହ ନାହିଁ ।

କାଳୀ ପୂଜା ଏବଂ ଛଟ ପୂଜା ପାଇଁ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୩୦।୧୦ (ମହାଭାରତ): କାଳୀ ପୂଜା ଏବଂ ଛଟ ପୂଜା ସମୟରେ ଯାତ୍ରୀଙ୍କ ଚାହିଦାକୁ ପୂରଣ କରିବା ପାଇଁ ପୂଜା ସ୍ପେଶାଲ ଟ୍ରେନ୍ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଛି ଯାହା ନଭେମ୍ବର ୨୦୨୪ ର ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବ । ନିୟମିତ ଟ୍ରେନ ମାନଙ୍କରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ରେଳବାଇ ପକ୍ଷରୁ ଏହା ଏକ ବିକଳ୍ପ।

ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ୨୭ ଟି ଯୋଡି ସ୍ୱତନ୍ତ୍ର ଟ୍ରେନ୍ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳପ୍ରଣତାକୁ ଚଳାଚଳ କରୁଅଛି । ତନ୍ମଧ୍ୟରୁ ମଧ୍ୟରୁ ୧୮ ଟି ଯୋଡି ସ୍ୱତନ୍ତ୍ର ଟ୍ରେନ ନଭେମ୍ବର ୨୦୨୪ ର ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବାକୁ ଥିବାବେଳେ ୨ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ନଭେମ୍ବର, ୨୦୨୪ ର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବ ଏବଂ ୭ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଚଳାଚଳ କରିବ ଚାଲିବ । ଏହା ବ୍ୟତୀତ ଦୁଇ ଯୋଡି ସ୍ୱତନ୍ତ୍ର ଟ୍ରେନ ବିହାରର ଦାନାପୁର (ପାଟନା) ଏବଂ ଜୟନଗରକୁ ଯାତ୍ରା କରିବ ।

ଏହି ବିଶେଷ ଟ୍ରେନ ଦ୍ୱାରା ପୂର୍ବତଟ ରେଳପଥ ମଧ୍ୟରୁ ପ୍ରାୟ ୬୦୦ ଟ୍ରିପ ସ୍ୱତନ୍ତ୍ର ଟ୍ରେନ କାଳୀ ପୂଜା ଏବଂ ଛଟ ପୂଜା ସମୟର ଦେଶର ବିଭିନ୍ନ ପ୍ରଣତାକୁ ଯାତ୍ରା କରିବ । ଅତିରିକ୍ତ ଭାବରେ, ୧୪ ଟି ଯୋଡି ସ୍ୱତନ୍ତ୍ର ଟ୍ରେନ୍ ରେଳପଥର ପରିସୀମା ମଧ୍ୟରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟ କୁ ମଧ୍ୟ ଯାତ୍ରା କରୁଅଛି ଯାହାକି ଗୁରୁତ୍ୱପୂର୍ଣ୍ଣ ସହର ଏବଂ ରାଜ୍ୟଗୁଡ଼ିକୁ ସଂଯୋଗ କରି ଟ୍ରେନ ସେବା ବୃଦ୍ଧି କରାଇ ଅଛି ଏବଂ ଏହି ଉଚ୍ଚ ଚାହିଦା ମଧ୍ୟରେ ନିୟମିତ ଟ୍ରେନ୍ ସେବା ଉପରେ ଯାତ୍ରୀ ଭାରକୁ ହ୍ରାସ କରିବାର ପ୍ରୟାସ କରାଯାଇଅଛି । ଯାତ୍ରୀମାନଙ୍କୁ ଜାତୀୟ ଟ୍ରେନ୍ ଇନକ୍ୱାରୀ ସିଷ୍ଟମ୍ , ପୂର୍ବତଟ ରେଳପଥର ସୋସିଆଲ୍ ମିଡିଆ ପ୍ଲାଟଫର୍ମ, ରେଳ ଷ୍ଟେସନରେ ଚଳଝ ଅନୁସନ୍ଧାନ କାଉଂଟର ଭଳି ବିଭିନ୍ନ ପ୍ଲାଟଫର୍ମ ମାଧ୍ୟମରେ ଏହି ସ୍ୱତନ୍ତ୍ର ଟ୍ରେନର କାର୍ଯ୍ୟସୂଚୀ ଏବଂ ଉପଲବ୍ଧତା ସୂଚନା ପାଇବା ପାଇଁ ଯାତ୍ରୀ ମାନଙ୍କୁ କୁହାଯାଇଅଛି । ଏକ ସୁଗମ ଏବଂ ଅସୁବିଧାମୁକ୍ତ ଟ୍ରେନ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବାକୁ ଏଗୁଡ଼ିକ ପ୍ରକୃତ-ସମୟ ସୂଚନା ପ୍ରଦାନ କରିବ ।

ବ୍ରସେଲ୍ସରେ ଦୀପାବଳି ସମାବେଶ ପାଳନ କଲା ବେଲଜିୟମର ଓଡ଼ିଆ ସାଂସ୍କୃତିକ ସଂଘ

ଭୁବନେଶ୍ୱର,୩୦।୧୦ (ମହାଭାରତ): ବେଲଜିୟମର ଓଡ଼ିଆ ସାଂସ୍କୃତିକ ସଂଘ ପକ୍ଷରୁ ଦୀପାବଳି ପୂର୍ବରୁ ଏକ ସଭାର ଆୟୋଜନ କରାଯାଇଥିଲା, ଯେଉଁଥିରେ ବେଲଜିୟମ ଓ ଲକ୍ସେମବର୍ଗର ପ୍ରବାସୀ ଓଡ଼ିଆ ସମାଜର ୧୦୦ରୁ ଅଧିକ ସଦସ୍ୟ ଏକାଠି ହୋଇଥିଲେ। ବ୍ରସେଲ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ପାଳନ କରିବା ପାଇଁ ଏକ ଉତ୍ସବର ଅବସର ଭାବେ କାର୍ଯ୍ୟ କରିଥିଲା।

ଏହି ଅବସରରେ ଏକତା ଓ ଭକ୍ତିର ପ୍ରତୀକ ଭାବେ ଦୀପ ପ୍ରଜ୍ୱଳନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ସହ ସନ୍ଧ୍ୟାର ଶୁଭାରମ୍ଭ ହୋଇଥିଲା। ପ୍ରତିଭା ସମ୍ପନ୍ନ ମହିଳା ଗୋଷ୍ଠୀ ପକ୍ଷରୁ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୨୦୨୨ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ବେଲଜିୟମର ଓଡ଼ିଆ ସାଂସ୍କୃତିକ ସଂଘ ମଧ୍ୟ ୟୁରୋପରେ ଥିବା ଓଡ଼ିଆମାନଙ୍କ ମଧ୍ୟରେ ଏକ ସମ୍ପ୍ରଦାୟର ଭାବନା ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଚଳିତ ବର୍ଷ ପ୍ରାରମ୍

ମାଓବାଦୀ ଦମନ

ଛତିଶଗଡ଼ର ଦାନ୍ତେୱାଡ଼ାରେ ସୁରକ୍ଷା ବାହିନୀର ଗୁଳିରେ ୩୬ଜଣ ମାଓବାଦୀ ନିହତ ହୋଇଛନ୍ତି। ଏହାକୁ ଏକ ବଡ଼ ସଫଳତା ବୋଲି କୁହାଯାଇପାରେ। ଏହାକୁ ମିଶାଇ ୨୦୨୪ରେ ଏବେ ସୁଦ୍ଧା ୧୭୭ଜଣ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଲେଣି। କିଛି ଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ବୈଠକରେ ମାଓ ମୁକାବିଲା ନେଇ ସମୀକ୍ଷା କରିବା ପରେ କହିଥିଲେ ଯେ, ୨୦୨୬ ସୁଦ୍ଧା ଦେଶରୁ ମାଓବାଦ ସମ୍ପୂର୍ଣ୍ଣ ଲୋପ ପାଇବ। ଏହାର ପ୍ରଭାବ ଏବେ ଦେଖିବାକୁ ମିଳୁଛି। ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଛତିଶଗଡ଼ରୁ ମାଓ ସଙ୍ଗଠନ ଏବେ ଲୋପ ପାଇବାକୁ ଆରମ୍ଭ କରିଛି। ଓଡ଼ିଶାରେ ଏକଦା ୯ଟି ଜିଲ୍ଲା ମାଓ ଉପଦ୍ରୁତ ଅଞ୍ଚଳ ଭାବେ ବିବେଚିତ ହେଉଥିଲା। ଏବେ ଏହା ୪କୁ ଖସିଆସିଛି। କାଁ ଭାଁ କେତେକ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଅନୁଭବ କରାଯାଉଛି। କିନ୍ତୁ ପ୍ରାୟତଃ ଏହା ଦୂର ହୋଇଯାଇଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଗୋଟିଏ ବଡ଼ ସଫଳତା ହେଲା ଦେଶରେ ଆତଙ୍କବାଦ ଏବଂ ମାଓବାଦର ଦୃଢ଼ ମୁକାବିଲା। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ସହ କାଶ୍ମୀର ପରିସ୍ଥିତିରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ କଠୋର ଆଭିମୁଖ୍ୟ ଏବଂ ଆତଙ୍କବାଦ ଦମନ ଲାଗି କ୍ରମାଗତ ପ୍ରୟାସ ଯୋଗୁ ଉପତ୍ୟକାରେ ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ମାତ୍ରାରେ କମିଛି। ନିକଟରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବିପୁଳ ମତଦାନ ପ୍ରମାଣ କରୁଛି ଯେ, କାଶ୍ମୀରବାସୀ ଦେଶର ମୁଖ୍ୟସ୍ରୋତରେ ଅଛନ୍ତି। ଦେଶର ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। କାଶ୍ମୀରରେ ସୁରକ୍ଷା ବାହିନୀ ଉପରକୁ ଟେକା ପଥର ମାଡ଼ ଏବେ ଇତିହାସ। ଏହା ସମ୍ଭବ ହୋଇଛି ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁ। ଏଥିରେ ବିଚଳିତ ହୋଇ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ସେମାନଙ୍କ ସ୍ଥିତି ଜାହିର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, କାଶ୍ମୀର ଉପତ୍ୟକାରେ ଆତଙ୍କୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଧିକାଂଶ ହେଉଛନ୍ତି ଅନୁପ୍ରବେଶକାରୀ ବିଦେଶୀ ନାଗରିକ। ତେଣୁ କାଶ୍ମୀର ଉପତ୍ୟକାରେ ଆତଙ୍କବାଦର ଦମନ ଲାଗି ପ୍ରଥମେ ଅନୁପ୍ରବେଶକୁ ରୋକାଯିବା ଜରୁରୀ। ଏଥିଲାଗି ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ। ସେହିପରି ଗତ ୩ ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି। ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କକ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ।

ବାଇସାଇକେଲର କାହାଣୀ

॥ ଗିରିଧାରୀ ସାମଲ ॥

୧୮୬୯ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ଭିନ୍ନ ନାମ ରହିଥିଲା । ଏହାପରେ ଲୋକମାନେ ଏହି ଗାଡ଼ିକୁ ବାଇସାଇକେଲ (ଦୁଇ ଚକିଆ ଜାନ) କହିବା ଆରମ୍ଭ କରିଥିଲେ । ୧୮୬୯ରେ ପେନ୍ନୀ-ଫାରଥିଙ୍ଗ ବା ଉଚ୍ଚ ଚକା ଯାନ ନିର୍ମିତ ହୋଇଥିଲା । ବଡ଼ ଚକା ଫଳରେ ଏହା ଅଳ୍ପ ପରିଶ୍ରମରେ ଅଧିକ ବାଟ ଯାଉଥିଲା, କିନ୍ତୁ ଏଥିରେ ଅତ୍ୟଧିକ ଉଚ୍ଚରେ ବସୁଥିଲା । ଆଗ ଚକର ଉଚ୍ଚତା ୧.୫ ମିଟର ହୋଇଥିବା କାରଣରୁ ଯଦି ଆଗଚକା ହଠାତ୍ ବନ୍ଦ ହୋଇଗଲା ତେବେ ଚାଳକଙ୍କ ଗୋଡ଼ ତଳକୁ ନପାଇବା କାରଣରୁ ଅଧିକାଂଶ ସମୟରେ ସେ ଆଗକୁ ପଡ଼ିଯାଉଥିଲେ ।

ଆପଣ ଜାଣିଛନ୍ତି ପ୍ରଥମେ ଯେତେବେଳେ ସାଇକେଲ ନିର୍ମିତ ହୋଇଥିଲା ତାହା ଦେଖିବାକୁ ବର୍ତ୍ତମାନର ଏକ ସ୍କେଟବୋର୍ଡ଼ ପରିଥିଲା । ୧୭୯୧ରେ ଫ୍ରାନ୍ସର ନାଗରିକ କୋମେଟ ମେଡେ ଡି ସିଭରାକ୍ ନିର୍ମାଣ କରିଥିଲେ ଏକ ଭିନ୍ନ ଧରଣର ସାଇକେଲ, ଏହାର ସିଟ ବହୁତ ଉଚ୍ଚରେ ରହୁଥିଲା । ଏଥିରେ ପେଡ଼ାଲ ନଥିଲା ଏହାକୁ ନିଜ ଗୋଡ଼ରେ ଠେଲି ଠେଲି ଲୋକମାନେ ଚଳାଉଥିଲେ । ପ୍ରାୟ ୧୮୧୭ ମସିହା ବେଳକୁ ଜର୍ମାନୀର ବେରୋନ କାର୍ଲାବାନ ଡ୍ରେସ୍ ହ୍ୟାଣ୍ଡେଲ ରହିଥିବା ଏକ ସାଇକେଲ ନିର୍ମାଣ କରିଥିଲେ । ଏହାର ନାମ ଥିଲା 'ଡ୍ରେସିନେ' । ଦୁଇଟି ସମାନ ଆକାରର କାଠ ଚକା, ବସିବା ପାଇଁ ଏକ ସିଟ୍ ସହିତ ଏଥିରେ ହ୍ୟାଣ୍ଡେଲ ରହିଥିଲା । ଗୋଡ଼ରେ ଠେଲି ଠେଲି ଚଳାଯାଉଥିବା ଏହି ସାଇକେଲଟି ସମ୍ପୂର୍ଣ୍ଣ ଭାବେ କାଠରେ ନିର୍ମିତ ହୋଇଥିବାରୁ ଲୋକମାନେ 'କାଠଘୋଡ଼ା' ବୋଲି କହୁଥିଲେ । ୧୮୧୮ରେ ପ୍ୟାରିସରେ ଆୟୋଜିତ ଏକ ପ୍ରଦର୍ଶନୀରେ ଲୋକମାନେ ଏହି ଅଦ୍ଭୁତ୍ ସାଇକେଲକୁ ପ୍ରଥମଥର ଲାଗି ଦେଖିଥିଲେ, କିନ୍ତୁ ଏହା ଲୋକପ୍ରିୟତା ଅର୍ଜନ କରିପାରିନଥିଲା ।

୧୮୩୯ରେ ସାଇକେଲ ନିର୍ମାଣରେ ଜୋରଦାର ପରିବର୍ତ୍ତନ ଆସିଥିଲା, କାରଣ ସ୍କଟଲାଣ୍ଡର ଜଣେ ଲୁହାର ସାଇକେଲର ଆଗଚକାରେ ଏକ ପେଡ଼ାଲ ଲଗାଇଥିଲେ । କ୍ରିକ୍‌ପ୍ୟାଟ୍ରିକ୍ ମ୍ୟାକ୍‌ମିଲାନ ସାଇକେଲର ଆଗ ଚକରେ ଏକ ପେଡ଼ାଲ ଲଗାଇ ପାହାଡ଼ ଚଢ଼ିପାରୁଥିଲେ । ଏହା ସେତେବେଳେ ପରିବହନ କ୍ଷେତ୍ରରେ ବ୍ୟବହୃତ କରାଯାଉଥିଲା । କିନ୍ତୁ ଏଥିରେ ବ୍ରେକ୍ ନଥିବାରୁ ଗଡ଼ାଣିଆ ସ୍ଥାନରେ ଏହାକୁ ରୋକିବା ଅତ୍ୟନ୍ତ କଷ୍ଟକର ହେଉଥିଲା । ଏହି ସାଇକେଲକୁ 'ଫାଷ୍ଟ ଫୁଟ୍' ବୋଲି କୁହାଯାଉଥିଲା । ୧୮୪୫ରେ ଫ୍ରାନ୍ସର ନିକୋଲସ୍ ସାଇକେଲର ବ୍ରେକ୍ ଲଗାଇବା ସହ ଚକାଗୁଡ଼ିକୁ ଲୁହାରେ ନିର୍ମାଣ କରିଥିଲେ । ଏହି ସାଇକେଲଟି ଚାଲିବା ବେଳେ ମାତ୍ରାଧିକ ଶବ୍ଦ କରୁଥିଲା, ତେଣୁ ଲୋକମାନେ ଏହାକୁ 'ବୋନ୍ ସେକର' ବୋଲି କହୁଥିଲେ । ଏହାପରେ ୧୮୬୫ରେ ପରବର୍ତ୍ତୀ ବିକଶିତ ସାଇକେଲ ନିର୍ମିତ ହୋଇଥିଲା । ଏଥିରେ ସାଇକେଲର ଆଗ ଚକରେ ସିଧାସଳଖ ଭାବେ ପେଡ଼ାଲ ଲଗାଯାଇଥିଲା । ୧୮୭୦ରେ ପ୍ରଥମ ମେଟାଲ ସାଇକେଲ ଆବିଷ୍କୃତ ହୋଇଥିଲା । ଏଥିରେ ମଧ୍ୟ ପେଡ଼ାଲ ଆଗ ଚକରେ ଲାଗିରହିଥିଲା । କିନ୍ତୁ ଏଥିରେ ବଡ଼ ଧରଣର କେତେକ ପରିବର୍ତ୍ତନ କରାଯାଇଥିଲା । ସାଇକେଲର ଆଗ ଚକଟି ପଛ ଚକ ତୁଳନାରେ ଅଧିକ ବଡ଼ ଥିଲା, କିନ୍ତୁ ଏହା ମନକୁ ମନ ବୁଲି ପାରୁନଥିଲା । ନିର୍ମାତାମାନଙ୍କର ଚିନ୍ତାଧାରା ଏହା ଥିଲା ଯେ, ସାଇକେଲର ଆଗଚକ ବଡ଼ ରହିଲେ ଅଳ୍ପ ପରିଶ୍ରମରେ ଅଧିକ ଦୂର ଯାତ୍ରା କରିହେବ । ଚକାଗୁଡ଼ିକରେ ରବର ଓ ସ୍ପୋକ୍ ଫିଟ୍ କରାଯାଇଥିଲା ଫଳରେ ଏହା ପୂର୍ବପରି ଅଧିକ ଶବ୍ଦ କରୁନଥିଲା ।

ବିଭିନ୍ନ ନିର୍ମାତାମାନେ ସାଇକେଲକୁ ବିକଶିତ କରିବାକୁ ଯାଇ ଏହାର ଆଗ ଚକକୁ ପ୍ରାୟ ୧.୫ ମିଟର ପର୍ଯ୍ୟନ୍ତ ଉଚ୍ଚ କରିଥିଲେ ।

୧୮୬୯ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ଭିନ୍ନ ନାମ ରହିଥିଲା । ଏହାପରେ ଲୋକମାନେ ଏହି ଗାଡ଼ିକୁ ବାଇସାଇକେଲ (ଦୁଇ ଚକିଆ ଜାନ) କହିବା ଆରମ୍ଭ କରିଥିଲେ । ୧୮୬୯ରେ ପେନ୍ନୀ-ଫାରଥିଙ୍ଗ ବା ଉଚ୍ଚ ଚକା ଯାନ ନିର୍ମିତ ହୋଇଥିଲା । ବଡ଼ ଚକା ଫଳରେ ଏହା ଅଳ୍ପ ପରିଶ୍ରମରେ ଅଧିକ ବାଟ ଯାଉଥିଲା, କିନ୍ତୁ ଏଥିରେ ଅତ୍ୟଧିକ ଉଚ୍ଚରେ ବସୁଥିଲା । ଆଗ ଚକର ଉଚ୍ଚତା ୧.୫ ମିଟର ହୋଇଥିବା କାରଣରୁ ଯଦି ଆଗଚକା ହଠାତ୍ ବନ୍ଦ ହୋଇଗଲା ତେବେ ଚାଳକଙ୍କ ଗୋଡ଼ ତଳକୁ ନପାଇବା କାରଣରୁ ଅଧିକାଂଶ ସମୟରେ ସେ ଆଗକୁ ପଡ଼ିଯାଉଥିଲେ । ୧୮୮୦ ମସିହା ମଧ୍ୟ ଭାଗରେ ବ୍ରିଟିଶ ସାଇକେଲ ନିର୍ମାତା ଜେମ୍ସ ଷ୍ଟେରଲୀ ଏକ ସାଇକେଲ ବିକଶିତ କରିଥିଲେ, ଯାହାର ନାମ ଦେଇଥିଲେ 'ସୁରକ୍ଷିତ ବାଇସାଇକେଲ' । ଅତ୍ୟାଧୁନିକ ସାଇକେଲ ପରି ଏହାର ଆଗ ଓ ପଛ ଚକା ସମାନ ଆକାରରେ ହୋଇଥିବା ବେଳେ ଦୁଇ ଚକର ମଝିରେ ରହିଥିଲା ପେଡ଼ାଲ ଏବଂ ନୂତନ କରି ବାହାରିଥିବା ଚେନ୍ ଓ ସ୍ପକେଟ୍ ଏହାର ପଛ ଚକକୁ ଟାଣୁଥିଲା । ଏହି ସାଇକେଲଟି ଅନ୍ୟ ସାଇକେଲ ତୁଳନାରେ ଖୁବ୍ ହାଲକା ଥିଲା ଏବଂ ଜଣେ ଲୋକ ଏହାକୁ ଆରାମରେ ଅଳ୍ପ ବଳ ଖଟାଇ ଚଳାଇ ପାରୁଥିଲା ।

ସେ ପର୍ଯ୍ୟନ୍ତ ସାଇକେଲର ଚକରେ କେବଳ ରବର ଲଗାଯାଉଥିଲା । ଏହା ବ୍ୟତୀତ ସାଇକେଲଟି ଅଧିକ ଲମ୍ବା ନଥିବା ଓ ସ୍ପୋକ ବିହୀନ ହୋଇଥିବା କାରଣରୁ ଫାରଥିଙ୍ଗ ସାଇକେଲ ତୁଳନାରେ ଏହାକୁ ଚଳାଇବା ଅଧିକ କଷ୍ଟକର ଥିଲା । କାରଣ ଇରିସ୍ ନାଗରିକ ଡୁନଲୋପ ପ୍ରଥମେ ବାୟୁଚାଳିତ ଟାୟାର ଏହି ସାଇକେଲରେ ଲଗାଇଥିଲେ । ସେ ନିଜ ପୁତ୍ରକୁ ଏହ ଆରାମଦାୟକ ସାଇକେଲ ପ୍ରଦାନ କରିବାକୁ ଯାଇ ଏପରି କରିଥିଲେ । ଏହାପରେ ପଛଚକକୁ ଏପଟସେପଟ ବୁଲିବା ପରି ବିକଶିତ କରାଯିବା ପରେ ଚାଳକମାନେ ବିପଦମୁକ୍ତ ସାଇକଲେ ଚାଳନା କରିବାର ଅନୁଭବ ହାସଲ କରିଥିଲେ । ୧୮୯୦ ମସିହା ପରବର୍ତ୍ତୀ ସମୟରେ ବ୍ରେକ୍, ଗିୟର, ହାତରେ ନିୟନ୍ତ୍ରଣ କରିବା ଲାଗି ବ୍ରେକ୍ କେବୁଲ ଆଦି ନିର୍ମିତ ହୋଇଥିଲା । ସାଇକେଲରେ ଏତେ ସବୁ ପରିବର୍ତ୍ତନ ହୋଇ ବି ଲୋକମାନଙ୍କ ନିକଟରେ ଏହା ବିଶେଷ ଆଦୃତ ହୋଇପାରିନଥିଲା ।

ସାଇକେଲ ସମାଜରେ ଦ୍ରୁତ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିଲା । ମହିଳାମାନେ ଆତ୍ମନିର୍ଭରଶୀଳ ଓ ଗତିଶୀଳ ହୋଇଥିବା ବେଳେ ଗରିବ ଲୋକମାନେ ଦୂରସ୍ଥାନକୁ କାର୍ଯ୍ୟ ଅନ୍ୱେଷଣରେ ଯାତ୍ରା କରୁଥିଲେ । ସମୟ ଗଡ଼ିବା ସହିତ ବିଭିନ୍ନ ସ୍ଥାନରେ ସାଇକେଲ କ୍ଲବ, ସାଇକେଲ ରେସିଂ ଓ ଟୁରିଂର ଆୟୋଜନ ହୋଇଥିଲା, ଯାହା ସାଇକେଲକୁ ଅଧିକ ଲୋକପ୍ରିୟ କରିଥିଲା । ସମୟ ସହ ତାଳ ଦେଇ ସାଇକେଲରେ ଅନେକ ପରିବର୍ତ୍ତନ ଆସିଛି । ରେସିଂ ସାଇକେଲର ସ୍ପିଡ୍ କୌଣସି ଇନ୍ଧନ ଚାଳିତ ଗାଡିଠାରୁ କମ୍ ନୁହେଁ । ଭାରତରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସାଇକେଲର ବ୍ୟବହାର ଅଧିକ ବୃଦ୍ଧି ପାଇଥିଲା । ପରିବହନ କ୍ଷେତ୍ରରେ ସାଇକେଲ ହିଁ ଥିଲା ଏକମାତ୍ର ବାହାନ ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୪୫୦୧୧୪

ବାର୍ଦ୍ଧକ୍ୟର ଗତିରୋଧ

॥ ପ୍ରଫୁଲ୍ଲ କୁମାର ଦାସ ॥

ଚଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତ୍ର ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରର କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତ୍ର ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ୍ୟ ମାନବ ମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ଅନୁଗୋଳ ପାଇଁ ଗୌରବ ଆଣିଲେ ନିକ୍ଷିତା

ଅନୁଗୋଳ,୩୦।୧୦ (ମହାଭାରତ): ପଶ୍ଚିମବଙ୍ଗ ରେ ହୋଇଥିବା ଫେସନ ସୋ କିଡସ୍ ବି କାଟାଗୋରି ରେ ପ୍ରଥମ ରନର୍ସଅପ୍ ହୋଇ ଅନୁଗୋଳ ପାଇଁ ଗୌରବ ଆଣିଛନ୍ତି ନିକ୍ଷିତା ସାହୁ । ସୂଚନା ଯେ ଚଳିତ ମାସ ୨୫,୨୬,୨୭ ତାରିଖ କିଛି ରାଜ୍ୟ ଗୁଡ଼ିକ ର ପ୍ରତିଯୋଗୀଙ୍କୁ ନେଇ ପଶ୍ଚିମବଙ୍ଗ ମାଲଦା ଠାରେ ହୋଟେଲ ବିଏମ୍ ଗ୍ରାଣ୍ଡ ରିଜଟ ଠାରେ ଏକ ଫ୍ୟାସନ ସୋ ଆୟୋଜନ କରାଯାଇଥିଲା । ଯାହା ଏଫ୍ ବି ଶ୍ରୀ ସୁନ୍ଦରୀ ପ୍ରତଯୋଗିତା ସିଜିନି ୧୧ ପରିଚାଳିତ ହୋଇଥିଲା । ଏହି ଫ୍ୟାସନ ସୋ ରେ ଅନୁଗୋଳ ର ନିକ୍ଷିତା ସାହୁ ଏକମାତ୍ର ପ୍ରତିଯୋଗୀ ଭାବେ ଓଡ଼ିଶାରୁ ପ୍ରତିନିଧି କରିଥିଲେ । ଯାହାକି ସେ ସମ୍ବଲପୁରୀ ଡ୍ରେସ୍ ଓ କୋଣାର୍କ ଟେମ୍ପୁଲ ଉପରେ ଓଡ଼ିଶାକୁ ପ୍ରତିନିଧି କରିଥିଲେ। ପ୍ରତିକ୍ ଦେ ଆୟୋଜକ ଥିବାବେଳେ ନିକ୍ଷିତାଙ୍କର ବିଶାଳ ରେ। କୋଡ଼ି ନେଟର ଥିଲେ। କିନ୍ତୁ ବି କାଟାଗୋରି ରେ ମୋଟ ୫୦ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ନିକ୍ଷିତା ସାହୁ ଏହି ଟାଇଟଲ ହାସଲକରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଆଗକୁ ସେ ଜଣେ ଫ୍ୟାସନ ଡିଜାଇନର ହେବାପାଇଁ ଲକ୍ଷ୍ୟ ରଖିଛନ୍ତି ।



ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଭବାନୀପାଟଣା,୩୦।୧୦ (ମହାଭାରତ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାଞ୍ଚାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱୀ।ଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ, ପୁରୁଣା ବୁସଷ୍ଟାଣ୍ଡ, ଘୋଡାଘାଟ ଛକ, ନୂଆ ।ବସଷ୍ଟାଣ୍ଡ, ଜିଲ୍ଲା କାରାଗାର ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ଜିଲ୍ଲାପାଳ ପାଞ୍ଚାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନୀୟ ଅତିଥି ଭାବେ ସଭାପତି ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂଦେଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ବକ୍ତା ଭାବରେ ଡଃ. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଉପରେ ଆଲୋକପାତ କରିଥିଲେ। ଦେଶର ଆର୍ଥିକ, ରାଜନୈତିକ,ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ । ସମସ୍ତେ ସଚେତନ ହୋଇ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ଅତିଥି ମାନଙ୍କ ଦ୍ୱାର ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ସମସ୍ତଙ୍କୁ ନାଗରିକଙ୍କ ପାଇଁ ସାଧୁତାର ସପଥ ପାଠ କରାଇଥିଲେ। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଉପଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ ପ୍ରଦୀପ କୁମାର ଆଇନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାସ ମହାନନ୍ଦିଆ, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ବରିଷ୍ଠ ନାଗରିକ, ଆଇନଜୀବୀ, ଶିକ୍ଷାବିତ, ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ, ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ,ସମାଜ ସେବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଳ ପରିଚାଳନା କରିବା ସହିତ ପରିଶେଷରେ ସମସ୍ତଙ୍କୁ ଧାନ୍ୟବାଦ ଅର୍ପଣ କରିଥିଲେ।

ମହବାତ୍ୟା ୨୫ ବର୍ଷ ପୂର୍ତ୍ତୀରେ କୁମ୍ଭକାରଙ୍କ ଦୀପଦାନ

ଅସ୍ତରଙ୍ଗ,୩୦।୧୦ (ମହାଭାରତ): ୧୯୯୯ ମସିହା ମହାବାତ୍ୟାକୁ ବିତିଯାଇଛି ୨୫ ବର୍ଷ, ଏହି ଅବସରରେ ଉପକୂଳ ଓଡିଶା ଅସ୍ତରଙ୍ଗ ଅଞ୍ଚଳରେ ଓସ୍ତପୁର ଗ୍ରାମରେ ବାସ କରୁଥିବା ୫୦ ରୁ ଉର୍ଦ୍ଧ କୁମ୍ଭକାର ପରିବାର ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ମହମବତୀ ଜାଳି ଗ୍ରାମ ପରିକ୍ରମା କରିଛନ୍ତି। ଏମାନେ ହେଉଛନ୍ତି କୁମ୍ଭକାର ପରିବାର, ଏମାନଙ୍କ କୌଳିକ ବୃତ୍ତି ହେଉଛି ମାଟି କାଦୁଅକୁ ଚକଟି ଡାକୁ ଭିନ୍ନ ଭିନ୍ନ ରୂପ ଦେବା, ଦୀପ ମାଠିଆ ହାଣ୍ଡି ପ୍ରସ୍ତୁତ କରି ବଜାର ରେ ବିକ୍ରି କରିବା, କିନ୍ତୁ ୧୯୯୯ ମସିହା ମହାବାତ୍ୟା ର ଯେଉଁ କରାଳ ଚିତ୍ର ଏମାନେ ଦେଖିଥିଲେ, ସେହିଭଳି ପରିସ୍ଥିତି ପୁନଃବାର ଏ ଅଞ୍ଚଳରେ ନାଆ ।ସିବା ପାଇଁ କରିଛନ୍ତି ଏଇ ନିଆ ।ରା ପ୍ରୟାସ, ଗାଁ ଦାଣ୍ଡ ରେ ଝିଅ ବୋହୂ ଠୁ ଆରମ୍ଭ କରି ପ୍ରତ୍ୟେକ ଲୋକ ଦୀପ ଜାଳି ମହାବାତ୍ୟାରେ ପ୍ରାଣ ହରାଇଥିବା ଅସ୍ତରଙ୍ଗର ସେଇ ମହାନ ଆତ୍ମା ମାନଙ୍କ ଶାନ୍ତି ପାଠ କରିବା ସହିତ ମହମବତୀ ଜାଳି ପଦଯାତ୍ରାରେ ଗ୍ରାମ ପରିକ୍ରମା କରି ଏକ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଛନ୍ତି, ମା ମଙ୍ଗଳା ଓ ପ୍ରଭୁ ଜଗନ୍ନାଥ ଙ୍କ ଉଦ୍ଦେଶ୍ୟ ରେ ଏହି ଦୀପ ଦାନ କରାଯାଇଛି। କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ମୁଦୁଲୀ, ଶାନ୍ତିଲତା ମୁଦୁଲୀ ଓ ସୁପ୍ରଭା ମୁଦୁଲୀ ଙ୍କ ସମେତ ଅନେକ କୁମ୍ଭକାର ପରିବାର ର ଲୋକ ସାମିଲ ହୋଇଥିଲେ, ଯେଉଁ ମଣିଷ ମାଟି ରେ ଦ୍ରବ୍ୟ ପ୍ରସ୍ତୁତ କରି ଆମ୍ଭ ମାନଙ୍କୁ ବିକ୍ରି କଲେ ସେମାନଙ୍କ ଭରଣପୋଷଣ ହୁଏ, ମହାବାତ୍ୟାର ୨୫ ବର୍ଷ ପୂର୍ତ୍ତୀ ଅବସରରେ ଏମାନଙ୍କ ଏହି ମହାନ କାର୍ଯ୍ୟକ୍ରମ ପାଇଁ ଅସ୍ତରଙ୍ଗର ବିଭିନ୍ନ ମହଲ ରେ ଏହି ପରିବାର ଙ୍କୁ ପ୍ରଶଂସା କରାଯାଇଛି, ଏମାନଙ୍କ କୌଳିକ ବୃତ୍ତି ବର୍ତ୍ତମାନ ଚାଇନା ବଜାରରେ ଲିଭି ଯିବାକୁ ବସିଥିବା ବେଳେ ସରକାର ଏମାନଙ୍କ ପାଇଁ କିଛି ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଅନୁରୋଧ କରାଯାଇଛି।

ଜୁନାଗଡ଼ ସାମ୍ବାଦିକ ସଂଘର,ସଭାପତି ଖଗେଶ୍ୱର ଧ.ମାଝୀ, ସମ୍ପାଦକ ରବି ଶଙ୍କର ସୁନାନୀ !

ଜୁନାଗଡ,୩୦।୧୦ (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ କଳା ବିକାଶ କେନ୍ଦ୍ର ଠାରେ ଜୁନାଗଡ଼ ସାମ୍ବାଦିକ ସଂଘର ଏକ କାର୍ଯ୍ୟକାରୀ ବୈଠକ ହୋଇଥିଲା । ସଂଘର ସଭାପତି ହିମାଂଶୁ ବରାଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ମାନଙ୍କ ବିଭିନ୍ନ ଦାବୀ ଉପରେ ଆଲୋଚନା ହୋଇଥିଲା । ପରେ ସଂଘ ର ନୂତନ କାର୍ଯ୍ୟକର୍ତା ଚାନ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଖଗେଶ୍ୱର ଧଙ୍ଗଡାମାଝୀ, ଉପସଭାପତି ସୁନ୍ଦର ମୋହନ ଛାତ୍ରୀ।ଓ ଆଦିତ୍ୟ ମହାନ୍ତ, ସମ୍ପାଦକ ଭାବେ ରବି ଶଙ୍କର ସୁନାନୀ,ସହ ସମ୍ପାଦକ ସୁନୀଲ କୁମାର ସିଂ, କୋଷାଧ୍ୟକ୍ଷ ଭାବେ ରଜନୀକାନ୍ତ ମିଶ୍ର ପ୍ରମୁଖ ଚାନ ହୋଇଥଲେ । ଏହି ସଭାରେ କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନ ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ ସିଂହଦେଓ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। ହିମାଂଶୁ ବରାଡ଼,ଚମ୍ପକ ଅଗ୍ରୱାଲ, ନରେନ୍ଦ୍ର କ୍ଷୀତି, ମୁକେଶ ଅଗ୍ରୱାଲ, ପ୍ରଭାକର ସେଠି ପ୍ରମୁଖ ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଭାବେ କଳାହାଣ୍ଡି ଜିଲ୍ଲାର ସାଧାରଣ ସମ୍ପାଦକ ସନ୍ତୋଷ ସିଂହଦେଓ ନିର୍ବାଚନ ଅଧିକାରୀ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟମୋକେଶ ପୁରୋହିତ, କୁମରମଣି ଦୁଗା, ରାକେଶ ବେମାଲ, ଅଂଶୁମାନ ଯୋଶୀ, ଆଶିଷ ଗୋଏଲ,ରୋହିତ ବାଗ, ଭୋକରଧନ ଧଙ୍ଗଡାମାଝୀ ପ୍ରମୁଖ ସଦସ୍ୟ ଭାବେ ଥିଲେ। ଆଗାମୀ ଦିନରେ ଜୁନାଗଡ଼ର ସାମ୍ବାଦିକତା ଜନ କଲ୍ୟାଣ ପାଇଁ ଉଦିଷ୍ଟ ହେବ। ସାମୟିକ ଭାବେ ଯେଉଁମାନେ ଅଣ ସାମ୍ବାଦିକକୁ ପାଥେୟ କରି ଲୁଣ୍ଠନର ଉଦ୍ୟକ୍ତ ଦେଖାଉଛନ୍ତି, ସେମାନଙ୍କୁ ପ୍ରଶାସନର ଜିଲ୍ଲା ସୂଚନା ଅଧିକାର ଯତ୍ନବାନ ହେବା ପାଇଁ ସଂଘ ପକ୍ଷରୁ ସାମୟିକ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଶାସନ ପ୍ରଶାସନର ସାମୟିକ ଘଟଣାକ୍ରମକୁ ସୂଚନା ଏବଂ ଗଣମାଧ୍ୟମରେ ପରିପ୍ରକାଶ କରୁଥିବା ଲୋକେ ନୂତନ ଜୁନାଗଡ଼ ସାମ୍ବାଦିକ ସଂଘକୁ ଯୋଗାଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଶେଷରେ ପୂର୍ବତନ ସଭାପତି ହିମାଂଶୁ ବରାଡ଼ ସଂଘର ସ୍ୱଚ୍ଛତାକୁ ବଜାୟ ରଖି ଦେଶ ଓ ଜାତିର ସଠିକ ନିର୍ମାଣ ପାଇଁ ସମସ୍ତଙ୍କୁ ଅଭିବ୍ୟକ୍ତ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରୀ କର୍ମଚାରୀଙ୍କ ସ୍ତ୍ରୀଙ୍କ ନାଁରେ ଭିନ୍ନକ୍ଷମ ଭତ୍ତା

ନୟାଗଡ,୩୦।୧୦ (ମହାଭାରତ): ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗରେ ଦୁର୍ନୀତି ସୀମା ଟପିଥିବା ଦେଖିବାକୁ ମିଳିଛି। ଭେଣ୍ଡିଆ ।ଙ୍କୁ ଭତ୍ତା ଦିଆ ।ଯାଉଥିବା ବେଳେ ଭିନ୍ନକ୍ଷମ ଜାଲ୍ ସାର୍ଟିଫିକେଟ ହାସଲ କରି ସରକାରୀ ଅର୍ଥ ଲୁଟ୍ କରିବାରେ ଲାଗିଛନ୍ତି। କେବଳ ଏତିକି ନୁହଁ ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ସରକାରୀ କର୍ମଚାରୀ ନିଜ ସ୍ତ୍ରୀଙ୍କ ନାଁରେ ଭିନ୍ନକ୍ଷମ ଭତ୍ତା ହାତେଇଥିବା ଓ ନୂଆ ।ଗାଁର ଜଣେ ଭିନ୍ନକ୍ଷମ ହୋଇ ମହିଳାଙ୍କୁ ବିବାହ କରିଥିବା ଦର୍ଶାଇ ଅଢ଼େଇ ଲକ୍ଷ ଟଙ୍କା ହଡ଼ପ କରବାକୁ ଯୋଜନା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ତାଙ୍କ ସ୍ତ୍ରୀ ଙ୍କ ନାଁରେ ଭିନ୍ନକ୍ଷମ ଭତ୍ତା କରିଥିବା ଅଭିଯୋଗ ହୋଇଛି। ସେ ଭିନ୍ନକ୍ଷମ ହୋଇନଥିଲେ ମଧ୍ୟ ସରକାରୀ ବାବୁଙ୍କୁ ହାତ କରି ଭତ୍ତା ହାତେଇ ନେଇଛନ୍ତି। ସେ ସଂପୂର୍ଣ୍ଣ ସୁସ୍ଥ ଥିବା ବେଳେ ମେଡିକାଲ ବୋର୍ଡ କର୍ମଚାରୀଙ୍କୁ ହାତବାରିସି କରି ନିଜ ସ୍ତ୍ରୀ ଶାରିରୀକ ଅକ୍ଷମ ଥିବା ଓ ୮୦ ପ୍ରତିଶତ ଅକ୍ଷମ ବୋଲି ସାର୍ଟିଫିକେଟ ହାସଲ କରିଛନ୍ତି। ତେବେ ଏତେ ବଡ଼ ଦୁର୍ନୀତି ପଛରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ହାତଥିବା ଅଭିଯୋଗକାରୀ କହିଛନ୍ତି। ବଡ଼କଥା ହେଉଛି, ଜଣେ ବ୍ୟକ୍ତି ବର୍ଷକୁ ୬୫ ହଜାର ବାର୍ଷିକ ଆୟ କରୁଥିବା ବ୍ୟକ୍ତିଙ୍କୁ ଏଥିରେ ସାମିଲ୍ କରାଯିବ ନାହିଁ ବୋଲି ରାଜ୍ୟ ସରକାର ଗାଇଡ୍ଲାଇନ୍ ଜାରି କରିଛନ୍ତି। କିନ୍ତୁ ସରକାରଙ୍କ ନିୟମକୁ ଫୁ କରି ଏଭଳି ଚଞ୍ଚକତା କରି ଭତ୍ତା ଯୋଜନାରେ ସାମିଲ୍ କରାଯାଇଛି। ଏଥିରେ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଅଭିଯୋଗକାରୀ ନୟାଗଡ଼ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ପରେ ଘଟଣା ପଦାକୁ ଆସିଛି। ଘଟଣାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସେ ଦାବି କରିଛନ୍ତି। ସେହିପରି ନୂଆ ।ଗାଁ ବ୍ଲକ୍ ଚାହାଳି ପଞ୍ଚାୟତ ରାଇପୁର ଗ୍ରାମର ଜୈନିକ ବ୍ୟକ୍ତି ଦୁଇ ଦୁଇଟି ବିବାହ କରି ତାଙ୍କର ଏକ ପୁତ୍ର ସନ୍ତାନ ଥିବା ଏବଂ ସେ ଭିନ୍ନକ୍ଷମ ନ ହୋଇ ଭିନ୍ନକ୍ଷମ ସାର୍ଟିଫିକେଟ ହାସଲ କରି ସରକାରୀ ଅର୍ଥ ହଡ଼ପ କରିବାକୁ ଯୋଜନା କରଛନ୍ତି। ସରକାରୀ ନୟମ କହୁଛି ଜଣେ ଭିନ୍ନକ୍ଷମ ମହିଳା କିମ୍ବା ପୁରୁଷ ଜଣେ ଶାରିରୀକ ସୁସ୍ଥ ବ୍ୟକ୍ତିଙ୍କୁ ବିବାହ କଲେ ତାଙ୍କୁ ସରକାର ଅଢ଼େଇ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। କିନ୍ତୁ ଅଖିଳ ସେମିତି କିଛି ଶାରିରୀକ ଅକ୍ଷମ ନ ଥାଇ ସେ ସରକାରୀ ଅନୁଦାନ ଆତ୍ମସାତ କରିବାକୁ ଯୋଜନା କରିଛନ୍ତି। ବଡ଼କଥା ହେଉଛି, ଏହି ବ୍ୟକ୍ତି ପ୍ରକୃତରେ ଭିନ୍ନକ୍ଷମ କି ନୁହଁ ବ୍ଲକ୍ ପ୍ରଶାସନ ଯାଞ୍ଚ କରିବା କଥା କିନ୍ତୁ ସେମିତି କିଛି ନ କରି ଅର୍ଥ ପ୍ରଦାନ କରାଯାଉଛି। ଅଭିଯୋଗକାରୀ ଏନେଇ ନୂଆଗାଁ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ପରେ ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। ଏନେଇ ନୂଆଗାଁ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସରିକା ଙ୍କ ସୂଚନା ଅନୁଯାୟୀ ଅଭିଯୋଗ ପାଇଛୁ ମୁ ପଞ୍ଚାୟତ ପିଇଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛି। ଯଦି ଏଥିରେ ସତ୍ୟତା ଥାଏ ତେବେ କାର୍ଯ୍ୟାନୁଷ୍ଠାନ ନେବାକୁ ଆମେ ଜିଲ୍ଲା ଅଫିସ୍କୁ ଜଣାଇବୁ ବୋଲି ସୂଚନା ଦେଇଛନ୍ତି।

ଉଦଳା ଏନ୍.ଏ.ସି.ର ମାଷ୍ଟର ପ୍ଲାନ ପ୍ରସ୍ତୁତି ନିମନ୍ତେ ବୈଠକ

ଉଦଳା,୩୦।୧୦ (ମହାଭାରତ): ଉଦଳା ଏନ୍.ଏ.ସି.ର ଭବିଷ୍ୟତ ଉନ୍ନତିକରଣ ଉଦ୍ଦେଶ୍ୟରେ ୨୦୫୧ ମସିହାକୁ ଦୃଷ୍ଟିରେ ରଖି ଏକ (ସାର୍ବିକ ରେଖାଚିତ୍ର) ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କାର୍ଯ୍ୟକ୍ରମ ଚାଲୁରହିଛି । ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ସଂସ୍ଥା ଆ।ର.ଭି. ଏସୋସିଏଟସ, ହାଇଦ୍ରାବାଦଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି । ଏହି ଉଦ୍ଦେଶ୍ୟରେ ଏଥିରେ ଜଡ଼ିତ ସମସ୍ତ ଷ୍ଟେକ୍ ହୋଲଡରଙ୍କୁ ନେଇ ପୁଙ୍ଖାନୁପୁଙ୍ଖ ଆ।ଲୋଚନା କରାଯିବା ଉଦ୍ଦେଶ୍ୟରେ ସନ୍ଧାନ ଗୃହ ଉଦଳା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ସମସ୍ତଙ୍କ ଠାରୁ ସୁଚିନ୍ତିତ ମତାମତ ନିଆ ।ଯାଇଥିଲା । ଆ।ଜିର ଆ।ୟୋଜିତ ବୈଠକରେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ, ଏନ୍.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ତହସିଲଦାର ଉଦଳା ସୁପ୍ରଭା ଦାସ, ଏନ୍.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଏବଂ ଆ।ର.ଭି. ଏସୋସିଏଟସ କର୍ମକର୍ତ୍ତା ପ୍ରମୁଖ ମ ।ସୀନ ଥିବାବେଳେ ବିଭିନ୍ନ ୱାର୍ଡ କାଉନସିଲର, ବିଭାଗୀ। ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ । ଆ।ଜିର ସମସ୍ତ କାର୍ଯ୍ୟକ୍ରମ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆ।ୟୋଜିତ ହୋଇଥିଲା ଏବଂ ଏଥିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସହଯୋଗ କରିଥିବାରୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ ।

ପରବ ପ୍ରସ୍ତୁତି ବୈଠକ : ଲୁକାୟିତ ପ୍ରତିଭାକୁ ଗୁରୁତ୍ୱ

ନାରାୟଣପାଟଣା,୩୦।୧୦ (ମହାଭାରତ): ପରବ କମିଟିର ଅଧ୍ୟକ୍ଷ ତଥା ନାରାୟଣପାଟଣା ବ୍ଲକ ଅଧ୍ୟକ୍ଷ ଗୋଲଦି ତ୍ରିନାଥଙ୍କ ଅଧ୍ୟକ୍ଷତାରେ ଆ।ଜି ସ୍ଥାନୀୟ ବ୍ଲକ ସଭାଗୃହ ପରିସରରେ ପଞ୍ଚାୟତ ଓ ବ୍ଲକ ସ୍ତରୀୟ ପରବ ୨୦୨୪ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ବିଡ଼ିଓ ପିୟୁଷ ଲୁହାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ

ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ଅଟ୍ରି ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ, ଖୁସି ବ୍ୟକ୍ତ କଲେ ସ୍ଥାନୀୟ ଜନସାଧାରଣ

ବେଗୁନିଆ,୩୦।୧୦(ମହାଭାରତ): ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ରେଳ ଲାଇନର ଅଟ୍ରିଠାରେ ଆନୁଷ୍ଠାନିକ ଭାବେ ଏକ ନୂତନ ପାସେଞ୍ଜର ହଲ୍ଟ ଯାତ୍ରୀମାନଙ୍କୁ ସମର୍ପିତ କରାଯାଇଛି ଯାହା ଏହି ଅଞ୍ଚଳର ପରିବହନ ଭିତ୍ତିଭୂମିରେ ଏକ ଉଲ୍ଲେଖନୀୟ ଉନ୍ନତି ଘଟାଇବ ଅଟ୍ରି ପାସେଞ୍ଜର ହଲ୍ଟ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଓ ଖୋର୍ଦ୍ଧାର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ତଥା ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ. ଏସ. ବଜାଙ୍କ ଉପସ୍ଥିତଥିଲେ ଅଟ୍ରି ଏହାର ଉତ୍ସ ପ୍ରସବଣ ଝରଣା ଜଳ ପାଇଁ ପ୍ରସିଦ୍ଧ ଏବଂ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ଅଛି ଯାହା ଏହି ନୂତନ ହଲ୍ଟକୁ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ପରିଦର୍ଶକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସୁବିଧା ପ୍ରଦାନ କରିବ ଅଟ୍ରି ପାସେଞ୍ଜର ହଲ୍ଟଠାରେ ଦଶପଲ୍ଲା-ଭୁବନେଶ୍ୱର ମେମୁ ପ୍ରଥମ ଟ୍ରେନ ଭାବେ ରହଣି କରିବ । ଅପରାଜିତା ଷଡ଼ଙ୍ଗୀ ତାଙ୍କ ଅଭିଭାଷଣ ସମୟରେ ରେଳମନ୍ତ୍ରୀଙ୍କୁ ଉପସ୍ଥାପନ କରାଯାଇଥିବା ଅଞ୍ଚଳର ଜନସାଧାରଣଙ୍କ ଦାବି ତଥା ଆକାଂକ୍ଷା ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଅଟ୍ରି ପାସେଞ୍ଜର ହଲ୍ଟ ନିର୍ମାଣ କ୍ଷେତ୍ରରେ ପ୍ରାୟ ୫୮ ଲକ୍ଷ ଟଙ୍କା ବ୍ୟୟ କରାଯାଇଅଛି ଯେଉଁଥିରେ ୪୬୭ ମିଟର ଦୈର୍ଘ୍ୟ ପ୍ଲାଟଫର୍ମ, ଛଅ ଗୋଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳୀ ଏବଂ ୩୦ଜଣଙ୍କ ବସିବା କ୍ଷମତା ବିଶିଷ୍ଟ ଛଅ ଗୋଟି ବେଞ୍ଚ ଉପଲବ୍ଧ ଅଛି ।

ଏହା ସହିତ ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ଭ୍ରମଣ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ୧୪ଟି ଲାଇଟ ପୋଷ୍ଟ, ଏକ ନଳକୂଅ ଏବଂ ଏକ ବୁକିଂ କାଉଣ୍ଟର ସୁବିଧା ଗୁଡିକ ଅନ୍ତର୍ଭୁକ୍ତ ଅଛି ଏହି ବିକାଶ ସ୍ଥାନୀୟ ପର୍ଯ୍ୟଟନକୁ ବୃଦ୍ଧି କରାଇବା ସହିତ ଉକ୍ତ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଉନ୍ନତ ଗମନାଗମନ ସଂଯୋଗ ଯୋଗାଇବ ଏବଂ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସକାରାତ୍ମକ ଯୋଗଦାନ ଦେବ ବୋଲି ଆଶା କରାଯାଉଛି । ତୁରନ୍ତ ଅଟ୍ରି ପାସେଞ୍ଜର ହଲ୍ଟଠାରେ ତିନି ଗୋଟି ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରାଯାଇଅଛି । ଏହି ଟ୍ରେନ୍‌ଗୁଡିକ ହେଉଛି ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଏବଂ ପୁରୀ-ଦଶପଲ୍ଲା-ପୁରୀ ମେମୁ ପାସେଞ୍ଜର ଟ୍ରେନ ଭଦ୍ରକରୁ ଛାଡୁଥିବା ୦୮୫୫୫/୦୮୫୫୬ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ ଅଟ୍ରିରେ ପୂର୍ବାହ୍ନ ୧୦ଘ.୩୬ମି.ରେ ପହଞ୍ଚି ପୂର୍ବାହ୍ନ ୧୦ଘ.୩୭ମି.ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ ଫେରିବା ମାର୍ଗରେ ଦଶପଲ୍ଲାଠାରୁ ଏହି ଟ୍ରେନ ଅଟ୍ରିଠାରେ ସନ୍ଧ୍ୟା ୫ଘ.୫୫ମି.ରେ ପହଞ୍ଚି ସନ୍ଧ୍ୟା ୫ଘ.୫୬ମି.ରେ ଭଦ୍ରକ ଅଭିମୁଖେ ଯାତ୍ରା କରିବ । ଭୁବନେଶ୍ୱରରୁ ଛାଡୁଥିବା ୦୮୪୨୯/୦୮୪୩୦ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ମେମୁ ଅଟ୍ରିରେ ପୂର୍ବାହ୍ନ ୧୦ଘ.୫୧ମି.ରେ ପହଞ୍ଚି ପୂର୍ବାହ୍ନ ୧୦ଘ.୫୨ମି.ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ ।

ଫେରିବା ମାର୍ଗରେ ଏହି ଟ୍ରେନ ଅଟ୍ରିଠାରେ ସନ୍ଧ୍ୟା ୫ଘ.୧୪ମି.ରେ ପହଞ୍ଚି ସନ୍ଧ୍ୟା ୫ଘ.୧୫ମି.ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ ପୁରୀରୁ ଛାଡୁଥିବା ୦୮୪୨୩/୦୮୪୨୪ ପୁରୀ-ଦଶପଲ୍ଲା-ପୁରୀ ମେମୁ ଅଟ୍ରି ଠାରେ ସନ୍ଧ୍ୟା ୭ ଘ. ୪୦ମି.ରେ ପହଞ୍ଚି ସନ୍ଧ୍ୟା ୭ ଘ.୪୧ ମି.ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ ଫେରିବା ମାର୍ଗରେ ଏହି ଟ୍ରେନ ଅଟ୍ରିଠାରେ ସକାଳ ୭ ଘ. ୫୨ ମି.ରେ ପହଞ୍ଚି ସକାଳ ୭ ଘ.୫୩ ମି.ରେ ପୁରୀ ଅଭିମୁଖେ ଯାତ୍ରା କରିବଏହି ପରିପେଖେ ସ୍ଥାନୀୟ ଜନସାଧାରଣ ମାନେ ରେଳ ବିଭାଗ ଏବଂ ଭାରତ ସରକାର୍ ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

୭୮ ଲିଟର ଦେଶୀ ମଦ ଓ ୨୨ କେଜି ଗଞ୍ଜେଇ ସହ ୫ ବାଇକ ଜବତ

ଟିଟିଲାଗଡ,୩୦।୧୦(ମହାଭାରତ): ତୁଷୁରା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରୁ ୭୮ ଲିଟର ଦେଶୀ ମଦ ଓ ୨୨ କେଜି ଗଞ୍ଜେଇ ସହ ୫ଟି ବାଇକ ଜବତ କରିଛି ତିନୋଟି କେଶ ରୁଜୁ କରାଯାଇ ୫ ଜଣ ଗିରଫ କରିବା ସହ ସୋମବାର ତୁଷୁରା କୋର୍ଟଚାଲାଣ କରାଯାଇ ଥିବା ତୁଷୁରା ଅବକାରୀ ଅଧିକାରୀ ଶ୍ରୀକାନ୍ତ ପାଣିଗାହୀ ସୂଚନା ଦେଇଛନ୍ତି ।

ପ୍ରାପ୍ତ ସୂଚନା ମୁତାବକ ବଲାଙ୍ଗୀର ଜିଲ୍ଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଡୁଙ୍ଗିବାହାଳ ଛକ ଠାରେ ଘୂନା ଗ୍ରାମର ମୀନକେତନ ରଣା (୩୪ ବର୍ଷ) ଏକ ବାଇକରେ ଯାଉଥିବା ବେଳେ ତାଙ୍କ ଠାରୁ ୩୦ଲିଟର ଦେଶୀ ମଦ ଜବତ କରିଥିଲେ । ତୁଷୁରା ଅବକାରୀ ଥାନା ଅଧିନସ୍ଥ କେନଘାଟ ବ୍ରିଜ ଠାରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଅନ୍ତର୍ଗତ କୁଭାରମୁଣ୍ଡା ଗ୍ରାମର ଦୁଇ ଜଣ ଯୁବକ ଗୁପ୍ତେଶ୍ୱର କର୍ଣ୍ଣ (୪୨ ବର୍ଷ) ଓ ରୋହିତ ରଣା (୨୬ ବର୍ଷ) ଏକ ବାଇକରେ ଆସୁଥିବା ବେଳେ ତାଙ୍କ ଠାରୁ ୬କେଜି ଗଞ୍ଜେଇ ଜବତ କରାଯାଇ ଥିଲା । ଉକ୍ତ କେନ ଘାଟରେ ୪୮ଲିଟର ଦେଶୀ ମଦ ଓ ବାଇକ ଛାଡି କେହି ସେଠାରୁ ଫେରାର ମାରିଥିଲା ବାଇକ ଓ ମଦ ଜବତ କରାଯାଇ ଥିବା ବେଳେ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି । ତୁଷୁରା ଥାନା ଅନ୍ତର୍ଗତ ସମରା ଗ୍ରାମ ଛକ ଠାରେ ବୌଦ୍ଧ ଜିଲ୍ଲା କଣ୍ଧାମାଳ ଥାନା ଅନ୍ତର୍ଗତ କାମାଘାଟ ଗ୍ରାମ କାର୍ତ୍ତିକ ବଡାଚାର୍ଟ (୨୫ ବର୍ଷ) ଓ ଗଜାନ ରଣା(୨୩ ବର୍ଷ) ଦୁଇ ଟି ବାଇକ ରେ ଆସୁଥିବା ବେଳେ ତାଙ୍କ ୧୬ କେଜି ଗଞ୍ଜେଇ ଜବତ କରାଯାଇ ଥିଲା ଅବକାରୀ ଥାନାର ଏଏସଆଇ ତୁଲେଶ୍ୱର କୁମୁରା, କନେଷ୍ଟବଳ ବିଭୂତିଭୂଷଣ ଭୋଇ, ଭୋଜରାଜ ବଢ଼େଇ ଓ ସୁନେଲୀ ପ୍ରଧାନ ପ୍ରମୁଖ ସହଯୋଗରେ ଏହି ସଫଳତା ମିଳିଥିଲା ।

ମାଣିବନ୍ଧ ଗ୍ରାମରୁ ଲକ୍ଷାଧିକ ଟଙ୍କାର ବିସ୍ଫୋରକ ଦ୍ରବ୍ୟ ଜବତ

ବେଗୁନିଆ,୩୦।୧୦(ମହାଭାରତ): ଖୋର୍ଦ୍ଧା ଜିଲା ବେଗୁନିଆ । ପୋଲିସକୁ ପୁଣି ଆଉଏକ ବଡ ଧରଣର ସଫଳତା ମିଳିଛିବେଆଇନ ବାଣ ପ୍ରସ୍ତୁତି ପାଇଁ ରଖା ଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ଦ୍ରବ୍ୟ ବୁଧବାର ଜବତ କରିଛି । ଜବତ ଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କହିଛି ।

ଅନ୍ୟପକ୍ଷରେ ଘଟଣାସ୍ଥଳରେ ଥିବା ୫ଟି ବାଇକ୍ ଜବତ କରିଛି । ହେଲେ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରିପାରିନାହିଁ ଏନେଇ ଥାନାରେ ମାମଲା ନଂ ୩୦୯/୨୪ ଓ ଦଫା,୨୮୮/୩(୫) ବିଏନଏସ, ୪/୫ ଇଏସ ଆକ୍ଟ ରୁଜୁ କରି ଅଧିକ ତଦନ୍ତ କରୁଛିପୋଲିସ ସୂଚନା ଅନୁସାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାର୍ବଣ ଋତୁ ଆରମ୍ଭରୁ ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ବିଭାଗ ପକ୍ଷରୁ ବେଆଇନ ମଦ ଓ ବାଣ ବିକ୍ରି ରୋକିବା ଉପରେ ପୋଲିସ ପକ୍ଷରୁ ନଜର ରଖାଯାଇଛି ।

ଖୋର୍ଦ୍ଧା ଏସପି ସାଗରିକା ନାଥଙ୍କ ନିର୍ଦ୍ଦେଶ ମୁତାବକ ବେଗୁନିଆ । ପୋଲିସ ପକ୍ଷରୁ ବୁଧବାର ସକାଳୁ ମାଣିବନ୍ଧ ଗ୍ରାମରେ ଚଢାଉ କରାଯାଇଥିଲା କେଦାର ଧଳ ନାମକ ଜଣେ ବ୍ୟକ୍ତିଙ୍କ ଘର ଉପରେ ଚଢାଉ କରି ଏକ କୋଠରୀ ମଧ୍ୟରେ ଗଚ୍ଛିତ ଥିବା ବିସ୍ଫୋରକ ଦ୍ରବ୍ୟ ବାରୁଦ,ଅମୋନିଆ ନାଇଟ୍ରେଟ,ପଟାସ, ଗନ୍ଧକ ଆଦି ପ୍ରାୟ ଏକ କ୍ୟୁଣ୍ଟାଲ ଓଜନର ଜବତ କରିଛି ଚଢାଉ ଦଳରେ ବେଗୁନିଆ । ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହିତ ଥାନା ଏବଂ ଧଳାପଥର ଫାଣ୍ଡିର କର୍ମଚାରୀ ମାନେ ସାମିଲ ଥିଲେ ।

ଅନ୍ୟପକ୍ଷରେ କେଦାରଙ୍କ ଘରୁ ବିପୁଳ ବିସ୍ଫୋରକ ଦ୍ରବ୍ୟ ଜବତକୁ ନେଇ ବେଗୁନିଆ । ପୋଲିସର ସନ୍ଦେହ ଜାତ ହୋଇଛିଜବତ ହୋଇଥିବା ବିସ୍ଫୋରକ ଦ୍ରବ୍ୟ କେବଳ ବାଣ ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟତେଣୁ ବେଆଇନ ବାଣ ପ୍ରସ୍ତୁତ କରୁଥିବା ଅନ୍ୟ କୌଣସି ବ୍ୟବସାୟୀଙ୍କ ସହିତ କେଦାରଙ୍କର ସଂପୃକ୍ତ ଥାଇପାରେ ବୋଲି ଅଧିକ ତଦନ୍ତରୁ ଜଣାପଡିବ ବୋଲି ଥାନା ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି ।

ଅଗ୍ନିକାଣ୍ଡରେ କ୍ଷତି ଗ୍ରସ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ପ୍ରଦାନ

ଆସିକା,୩୦।୧୦(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଲକ୍ଷ୍ମୀବଜାର ସ୍ଥିତ ପରିବା ମାର୍କେଟରେ ଗତ ୧୨/୧୦ ତାରିଖରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ପରିବା ବ୍ୟବସାୟୀ ଙ୍କୁ କ୍ଷତିପୂରଣ ପାଇଁ ଦେଇଥିବା ପ୍ରତିଶ୍ରୁତି ପାଳନ କଲେ ଆସିକା ବିଧାୟକ ଓ ପ୍ରଶାସନ ।

ଅଗ୍ନିକାଣ୍ଡରେ କ୍ଷତି ଗ୍ରସ୍ତ ୨୩ଜଣ ବ୍ୟବସାୟୀଙ୍କୁ ୧୫ ହଜାର ଲେଖାଏଁ ସହାୟତା ରାଶି ରେଡ଼କ୍ରସ ଫଣ୍ଡରୁ ପ୍ରଦାନ କରିଛନ୍ତି । ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଆଜି ସନ୍ଧ୍ୟା ୬ ଟା ସମୟରେ ବିଧାୟକଙ୍କ ସମେତ ଆସିକା ଅତିରିକ୍ତ ତହସିଲଦାର ଦେବୀପ୍ରସାଦ ବାରିକ, ମୁଖ୍ୟ କିରାଣୀ କିରଣ କୁମାର ପାଢ଼ୀଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଲକ୍ଷ୍ମୀ ବଜାର ସ୍ଥିତ ପରିବା ବଜାର ରେ ପହଞ୍ଚି ଅଗ୍ନିକାଣ୍ଡରେ କ୍ଷତି ସହିଥିବା ବ୍ୟବସାୟୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଚେକ ପ୍ରଦାନ କରିଛନ୍ତି । ସରକାର ଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଆର୍ଥିକ ସହାୟତା ପାଇ ବ୍ୟବସାୟୀ ମାନେ ଖୁସି ବ୍ୟକ୍ତ କରିଥିବା ବେଳେ ଗତ ଦଶହରା ରାତିରେ କୌଣସି କାରଣରୁ ଅଗ୍ନିକାଣ୍ଡଘଟି ପରିବା ମାର୍କେଟ ର ବହୁ ଦୋକାନ ରେ ନିଆଁ ଲାଗିଯାଇଥିଲା ବ୍ୟାପକ କ୍ଷୟକ୍ଷତି ହୋଇଥିଲା ।

ଧର୍ମପରାୟଣ ମହିଳାଙ୍କ ପରଲୋକ

ହାଟଡିହି,୩୦।୧୦(ମହାଭାରତ): କାର୍ତ୍ତିକ ମାସଟି ହେଉଛି ମାସ ମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଏହି ଧର୍ମ ମାସରେ ଗତ ଗୁରୁବାର ଦିନ ତେମଳା ଗାଁ ର ଶ୍ରୀମତୀ ବିଳାସ ମଞ୍ଜରୀ ଜେନା ଙ୍କ ପରଲୋକ ଘଟିଛି । ଯାହାକି ବିଳାସ ମଞ୍ଜରୀ ଥିଲେ ତେମଳା ଗାଁ ର ଜଣେ ମିଷ୍ଟଭାଷୀ, ଓ ଆଧ୍ୟାତ୍ମିକ ଚେତନା ର ମହିଳା ସେ ଗୁରୁବାର ଦିନ ରାତି ୧.୦୦ଘଟିକା ସମୟ ରେ ପ୍ରାଣ ତ୍ୟାଗ କରିଥିଲେ । ତାଙ୍କର ଶେଷ କୃତ୍ୟ ସଂପନ୍ନ ବେଳେ ପରିବାର ବର୍ଗ ମଧ୍ୟରେ ଚନ୍ଦ୍ର ଶେଖର ଜେନା, ରମେଶ ଜେନା ଓ ଅନ୍ୟ ମାନଙ୍କ ମଧ୍ୟରେ ନ୍ୟାୟାନନ୍ଦ ଜେନା, ବ୍ରହ୍ମାନନ୍ଦ ଜେନା, ସଂଗ୍ରାମ ଜେନା,ସୁବର୍ଣ୍ଣ ଜେନା, ରୁଦ୍ର ଜେନା, ଚୁନିଆ ଜେନା, ଜିତନ ଜେନା, ତପନ ଜେନା ଅରୁ ଜେନା, ଶ୍ରଦ୍ଧା ଜେନା, ଜୟ ପ୍ରକାଶ ଜେନା, ସାଇ ଜେନା, ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ୦୨ ତାରିଖ ଦଶାହ କ୍ରିୟା ରହି ଥିବା ବେଳେ ୦୩ ତାରିଖ ଦିନ ମହା ପ୍ରସାଦ ପ୍ରଦାନ ବ୍ୟବସ୍ଥା ରହିଛି ।

କୌଳିକ ବୃତ୍ତି କୁ ଆପଣେଇ ନେଇଛନ୍ତି ମା ମଙ୍ଗଳା ଟେରାକୋଟା ଉତ୍ପାଦିକା ଗୋଷ୍ଠୀ

ଅନୁଗୋଳ,(ମହାଭାରତ):ଆଉ ଗୋଟିଏ ଦିନ ପରେ ଆଲୋକର ପର୍ବ ଦୀପାବଳି, ଦୀପାବଳୀ ପାଇଁ ଗାଁ ଠାରୁ ସହର ସବୁଠି ଉତ୍ସବ ମୁଖର ତେବେ ଚଳିତ ବର୍ଷ ଦୀପାବଳି ପାଇଁ କୁମ୍ଭକାର ମାନେ ଭଲ ଦି ପଇସା ରୋଜଗାର ଆଶାରେ ନିଜର କୌଳିକ ବୃତ୍ତିକୁ ଆପଣାଇ ଆଜକୁ ପ୍ରାୟ ଏକ ମାସ ହେବ ଦୀପ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି । ଆଉ ଏଥିରୁ ବାଦ ପଡିନାହାନ୍ତି ମହିଳା ମାନେ ନିଜକୁ ସ୍ୱାବଲମ୍ବୀ କରିବା ସହ ପରିବାର ପ୍ରତିପୋଷଣ ମଧ୍ୟ କରିପାରୁଛନ୍ତି ମହିଳା ମାନେ । ଆଜି ଆମେ ଆସିଥିଲୁ ଅନୁଗୋଳ ଜିଲ୍ଲା ବଣ୍ଅଁରପାଳ ବ୍ଲକ ଅନ୍ତର୍ଗତ କାଣ୍ଡସର ଗ୍ରାମକୁ ଯେଉଁଠି ମା ମାନେ ମାଟିରେ ବିଭିନ୍ନ ଘର କରଣା ଜିନିଷ ତିଆରି କରି ଏହାକୁ ବଜାରରେ ବିକ୍ରୀକରି ଭଲ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ଆଗକୁ ଆଲୋକର ପର୍ବ ଦୀପାବଳି ଥିବାରୁ ଘରେ ଘରେ ପୁରୁଷ ଏବଂ ମହିଳା ମାନେ ମିଶି ଦିନରାତି ଦୀପ ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି । କୁମ୍ଭକାର ସମ୍ପ୍ରଦାୟର ଲୋକେ ନିଜର କୌଳିକ ବୃତ୍ତିକୁ ଛାଡ଼ିବାରେ ଲାଗିପଡ଼ିଥିବା ବେଳେ ଆଉ କିଛି ଲୋକ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି । ଏହି କାଣ୍ଡସର୍ ଗ୍ରାମର ମହିଳା ମାନେ ମା ମଙ୍ଗଳା ଟେରାକୋଟା ଉତ୍ପାଦିକା ଗୋଷ୍ଠୀ ବର୍ଷ ତମାମ ମାଟିର କାମ କରୁଥିବା ବେଳେ ଦୀପାବଳୀ ପାଇଁ ଦୀପର ଚାହିଦାକୁ ଦେଖି ଦୀପାବଳୀ ସମୟରେ କେବଳ ଦୀପ କରିବା ପାଇଁ ଲାଗି ପଡିଥାନ୍ତି ।

ବିଭିନ୍ନ ପର୍ବପର୍ବାଣୀ ହେଉ ଅବା ଦୀପାବଳି ସବୁ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ ଦୀପ କିନ୍ତୁ ଦୀପାବଳି ଆସିଲେ ଏହି ଦୀପର ଚାହିଦା ଦ୍ୱିଗୁଣିତ ହୋଇଥାଏ । ସେଥିପାଇଁ ଏକମାସ ପୂର୍ବରୁ ଦୀପ ତିଆରି କରିବାରେ ଲାଗିପଡନ୍ତି ମା ମାନେ ଚଳିତ ବର୍ଷ ଦୀପାବଳିରେ ବେଶ୍ ଭଲ ଦୁଇପଇସା ରୋଜଗାର ଆଶାରେ ନିଜର କୌଳିକ ବୃତ୍ତିରେ ଲାଗି ପଡିଛନ୍ତି କୁମ୍ଭକାର ମା ମାନେ ।

ପୋଖରୀ ଜଳରୁ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର

ବେଗୁନିଆ,୩୦।୧୦(ମହାଭାରତ): ଖୋର୍ଦ୍ଧା ଜିଲା ବେଗୁନିଆ । ଥାନା ଅନ୍ତର୍ଗତ ଛତ୍ରପଡା ଗାଁର ଜନୈକା ବୃଦ୍ଧା ଶଶି ପାହାଡସିଂ(୭୩) ଙ୍କର ମୃତ ଦେହ ପୋଖରୀ ଜଳରୁ ଉଧାର କରାଯାଇଛି । ଏ ନେଇ ବେଗୁନିଆ । ଥାନାରେ ଅପମୃତ୍ୟୁ ମାମଲା ନଂ ୧୮/୨୪ ରୁଜୁ ହୋଇଛି । ପୋଲିସ ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ସୌଚ କାର୍ଯ୍ୟ ପାଇଁ ଘର ନିକଟରେ ଥିବା ଏକ ପୋଖରୀକୁ ଶଶି ଯାଇଥିଲେ । ହେଲେ ସେ ଆଉ ଘରକୁ ଫେରି ନଥିଲେ ବିଳମ୍ବିତ ରାତି ହେବାରୁ ପରିବାର ଲୋକେ ଖୋଜାଖୋଜି କରି ପୋଖରୀ ଜଳରୁ ତାଙ୍କୁ ଉଧାର କରିଥିଲେ । ପରିବାର ଲୋକେ ଚିକିତ୍ସା ପାଇଁ ଶଶିଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କହିଥିଲେ । ବୁଧବାର ସକାଳୁ ଶବ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

୩୩ ତମ ପାରାଦୀପ କଳିଙ୍ଗ ବାଲିଯାତ୍ରାର ଭୂମିପୂଜା ଅନୁଷ୍ଠିତ

ପାରାଦୀପ,୩୦।୧୦(ମହାଭାରତ): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ ର କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ସମୁଦ୍ର ବେଳାଭୂମି ନିକଟସ୍ଥ ବିଜୁ ମୈଦାନ ପଡିଆଠାରେ ବୁଧବାର ଦିନ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି । ନଭେମ୍ବର ୧୪ ରୁ ୨୦ ତାରିଖ ଦୀର୍ଘ ସାତଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ପାଇଁ ଆୟୋଜିତ ଭୂମି ପୂଜାରେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଭୂମି ପୂଜାରେ ନଡ଼ିଆ ବାଡେଇ ପ୍ରସ୍ତୁତି କାର୍ଯ୍ୟ ର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶାଳ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଙ୍କ ସମେତ କମିଟିର ସୁମନ୍ତ ବିଶାଳ, ମାୟାଧର ରାଉତ, ସବିତା ମହାପାତ୍ର, ସୁବ୍ରତ ପ୍ରଧାନ, ଉଲ୍ଲାସ ବିଶାଳ, ସର୍ବେଶ୍ୱର ବଳିୟାରସିଂହ, ପ୍ରଦୀପ ସାହୁ ପ୍ରମୁଖ ବହୁ ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ । ପାରାଦ୍ୱୀପରେ ଏହି ଉତ୍ସବ ୩୩ବର୍ଷର ପଦାର୍ପଣ କରିବାକୁ ଯାଉଛି ଏବଂ ଏବର୍ଷ କଳିଙ୍ଗ ବାଲିଯାତ୍ରାରେ ରାଜ୍ୟ ଓ ରାଜ୍ୟ ବାହାରୁ ନାମିଦାମୀ କଳାକାର ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋତ୍ସବ କୁ ଉଦଘାଟନ କରିବାର ଯୋଜନା ରହିଛି ।

ଏଆଇଡିଏସଓ ପକ୍ଷରୁ କପ୍ତିପଦା ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ

କପ୍ତିପଦା,୩୦।୧୦(ମହାଭାରତ): ଆଜି ସଂଗ୍ରାମୀ ଛାତ୍ର ସଂଗଠନ ଏ. ଆଇ. ଡ଼ି. ଏସ. ଓ ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ଶିକ୍ଷା ସମସ୍ୟା ସମାଧାନ ଦାବିରେ ରାଜ୍ୟବ୍ୟାପୀ ବିକ୍ଷୋଭର ଆହ୍ୱାନ ଦିଆଯାଇଥିବା ବେଳେ କପ୍ତିପଦା ବ୍ଲକ କମିଟି ପକ୍ଷରୁ କପ୍ତିପଦା ବ୍ଲକ ଅଫିସ ସମ୍ମୁଖରେ ଶିକ୍ଷା ଗତ ଦାବି ସମ୍ବୋଳିତ ପ୍ଲା କାର୍ଡ ପ୍ରଦର୍ଶନ ପୂର୍ବକ ସ

'ଶରିୟତ କାଉନସିଲ୍ କୋର୍ଟ ନୁହେଁ, ଛାଡ଼ପତ୍ର ପାଇଁ ଲୋଡା ଲିଗାଲ୍ ଷ୍ଟାମ୍ପ'

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): 'ଶରିୟତ କାଉନସିଲ୍ କୋର୍ଟ ନୁହେଁ । ଏହା ଏକ ଘରୋଇ ସଂସ୍ଥା । ଛାଡ଼ପତ୍ର ପାଇଁ ଲିଗାଲ ଷ୍ଟାମ୍ପ ଲୋଡା । ପତ୍ନୀ ରାଜି ନଥିଲେ ସ୍ୱାମୀ ଛାଡ଼ପତ୍ର ନେଇପାରିବେ ନାହିଁ । ଯଦି ସ୍ୱାମୀ ଦେଇଥିବା ଛାଡପତ୍ରକୁ ସ୍ତ୍ରୀ ମନା କରୁଛନ୍ତି, ତେବେ ଛାଡପତ୍ର କେବଳ କୋର୍ଟ ମାଧ୍ୟମରେ ହିଁ କରାଯାଇପାରିବ ।' ନିକଟରେ ୨୦୧୦ରେ ବିବାହାର କରିଥିବା ମୁସ୍ଲିମ୍ ଡାକ୍ତର ଦମ୍ପତିଙ୍କ ତିନି ତଲାକକୁ ନେଇ ଦାଖଲ ହୋଇଥିବା ରିଭ୍ୟୁ ପିଟିସନର ଶୁଣାଣି କରି ଏଭଳି କିଛି ବଡ଼ ରାୟ ଶୁଣାଇଛନ୍ତି ମାଡ୍ରାସ ହାଇକୋର୍ଟ ।ଏଥିସହ ତାମିଲନାଡୁର ଶରିୟତ କାଉନସିଲ୍ ତରଫରୁ ଜାରି କରାଯାଇଥିବା ଛାଡପତ୍ର ପ୍ରମାଣପତ୍ରକୁ କୋର୍ଟ ରଦ୍ଦ କରି ଦେଇଛନ୍ତି । ଏହାକୁ ବେଆଇନ ବୋଲି ହାଇକୋର୍ଟ ଘୋଷଣା କରିଛନ୍ତି । ଦ୍ୱିତୀୟ ବିବାହ କରି ସାରିଥିବା ସ୍ୱାମୀଙ୍କୁ ପ୍ରଥମ ପତ୍ନୀଙ୍କୁ କ୍ଷତିପୂରଣ ଏବଂ ଭରଣ ପୋଷଣ ଦେବାକୁ ନିମ୍ନ ଅଦାଲତ ଦେଇଥିବା ରାୟକୁ କୋର୍ଟ ବଜାୟ ରଖିଛନ୍ତି । ମାଡ୍ରାସ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଜି ଆର୍ ସ୍ୱାମୀନାଥନ ଏହି ମାମଲାର ଶୁଣାଣି କରି କହିଛନ୍ତି, ଛାଡ଼ପତ୍ର ମାମଲାକୁ ନେଇ କେବଳ ରାଜ୍ୟ ଦ୍ୱାରା ଗଠିତ ଅଦାଲତ ହିଁ ବିଚାର କରିପାରିବେ । ଶରିୟତ କାଉନସିଲ ହେଉଛି ଏକ ଘରୋଇ ସଂସ୍ଥା । ଏହା କୋର୍ଟ ନୁହେଁ ବୋଲି କହିବା ସହ ସ୍ୱାମୀଙ୍କ ଦ୍ୱାରା ଦାଏର

ହୋଇଥିବା ରିଭ୍ୟୁ ପିଟିସନକୁ ଖଣ୍ଡନ କରି ଦେଇଛନ୍ତି । ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଶରିୟତ କାଉନସିଲ୍ କିମ୍ବା ଏହିପରି କୌଣସି ବେସରକାରୀ ଅନୁଷ୍ଠାନ ଛାଡପତ୍ର ପ୍ରମାଣପତ୍ର ଦେଇପାରିବେ ନାହିଁ । ଯଦି ଛାଡପତ୍ରକୁ ନେଇ ବିବାଦ ଥାଏ, ତେବେ ସ୍ୱାମୀ ଆଇନ ଅନୁଯାୟୀ ଗଠିତ କୋର୍ଟକୁ ଯିବା ଉଚିତ୍ କେବଳ ସେତେବେଳେ ନିଷ୍ପତ୍ତି ନିଆଯାଇପାରେ କି ଛାଡପତ୍ର ପ୍ରକୃତରେ ହୋଇଛି କି ନାହିଁ । ଯେପର୍ଯ୍ୟନ୍ତ କୌଣସି ଅଦାଲତରୁ ଗ୍ରୀନ୍ ସିଗ୍ନାଲ ବା ଷ୍ଟାମ ପେପରେ ସହମତି ମିଳିନାହିଁ, ସେପର୍ଯ୍ୟନ୍ତ ବିବାହ ସ୍ଥିର ବୋଲି ଧରାଯାଏ ବୋଲି ଜଷ୍ଟିସ୍ ଜିଆର୍ ସ୍ୱାମୀନାଥନ କହିଛନ୍ତି । ଯଦି ସ୍ୱାମୀ ଦ୍ୱିତୀୟ ଥର ବିବାହ କରନ୍ତି ତେବେ ପ୍ରଥମ ପତ୍ନୀ ତାଙ୍କ ସହ ରହିବାକୁ ବାଧ୍ୟ ନୁହନ୍ତି । ମୁସଲିମ ପର୍ସନାଲ ଲ'ରେ ପୁରୁଷମାନଙ୍କୁ ଏକରୁ ଅଧିକ ବିବାହ କରିବାକୁ ଅନୁମତି ଦିଆଯାଇଛି । ତଥାପି, ଏହା ପ୍ରଥମ ପତ୍ନୀଙ୍କୁ ମାନସିକ ଯନ୍ତ୍ରଣା ଦେଇଥାଏ । ଏଭଳି ପରିସ୍ଥିତିରେ ଏହାକୁ 'ଘରୋଇ ହିଂସା ଅଧିନିୟମ'ର ଧାରା ୩ ଅନୁଯାୟୀ କ୍ରୁରତା ଭାବରେ ଦେଖାଯାଇପାରେ । ଯଦି ପ୍ରଥମ ପତ୍ନୀ ସ୍ୱାମୀଙ୍କ ଦ୍ୱିତୀୟ ବିବାହରେ ରାଜି ନୁହଁନ୍ତି, ତେବେ ଧାରା ୧୨ ଅନୁଯାୟୀ ସେ ପୃଥକ ଭାବରେ ରହିବାକୁ ଏବଂ ସ୍ୱାମୀଙ୍କଠାରୁ ରକ୍ଷଣାବେକ୍ଷଣ ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି ।୨୦୧୦ରେ ତାମିଲନାଡୁର ମୁସ୍ଲିମ୍ ଡାକ୍ତର ଦମ୍ପତି ବିବାହ କରିଥିଲେ । ତେବେ ୨୦୧୮ରେ ପତ୍ନୀ 'ଘରୋଇ ହିଂସା ଆଇନ' ବିଭାଗ ଅଧୀନରେ ଅଭିଯୋଗ କରିଥିଲେ । ଏହାର ଜବାବରେ ସ୍ୱାମୀ ଦାବି କରିଛନ୍ତି ଯେ ସେ ମହିଳାଙ୍କୁ ଛାଡ଼ପତ୍ର ଦେଇ ସାରିଛନ୍ତି । ସ୍ୱାମୀ ତାମିଲନାଡୁ ମୁସଲିମ ତାହିଦ୍ ଜମାତର ଶରିୟତ କାଉନସିଲର ମୁଖ୍ୟ କାଜିଙ୍କଠାରୁ ଏକ ପ୍ରମାଣପତ୍ର କୋର୍ଟରେ ଉପସ୍ଥାପନ କରିଥିଲେ ।୨୯ ନଭେମ୍ବର ୨୦୧୭ ରେ ଦିଆଯାଇଥିବା ଏହି ସାର୍ଟିଫିକେଟରେ କାଜି ଛାଡପତ୍ରକୁ ସ୍ୱୀକୃତି ଦେଇଥିଲେ । ଏଥିରେ ଛାଡପତ୍ର ହୋଇଛି ବୋଲି ସ୍ୱାମୀଙ୍କ ବାପା ନିଶ୍ଚିତ କରିଥିଲେ । ତେବେ ଏହାକୁ ପ୍ରଥମ ପତ୍ନୀ ମାନି ନଥିଲେ । ଏହାକୁ ନେଇ କୋର୍ଟରେ ରିଭ୍ୟୁ ପିଟିସନ ଦାଖଲ ହୋଇଥିଲା । ତୃତୀୟ ବିଞ୍ଚପ୍ତି ବଦଳରେ ବାପାଙ୍କ ସାକ୍ଷ୍ୟ ଆଧାରରେ ଛାଡପତ୍ରକୁ ମାନ୍ୟତା ମିଳିପାରିବ ନାହିଁବୋଲି ହାଇକୋର୍ଟ କହିଛନ୍ତି ।

ଗୌତମ ଆଦାନୀଙ୍କୁ କାରଣଦର୍ଶାଅ ନୋଟିସ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଦିପାବଳୀର ଠିକ୍ ପୂର୍ବରୁ ଉଦ୍ୟୋଗପତି ଗୌତମ ଅଦାନୀଙ୍କୁ ବଡ ଝଟକା ଲାଗିଛି । ଆଦାନୀଙ୍କ ପାୱାର କମ୍ପାନୀ ସେବି ରାଡାରକୁ ଆସିଛି । ଏନେଇ ଅଦାନୀଗ୍ରୁପକୁ ସେବି ତରଫରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଆଦାନୀ



ଗ୍ରୁପକୁ ସେବିର ଏହା ତୃତୀୟ କାରଣଦର୍ଶାଅ ନୋଟିସ । ଏହି ଖବର ପ୍ରଚାରିତ ହେବା ପରେ ଆଦାନୀ ପାୱାରର ସେୟାର ମୂଲ୍ୟ ୨ପ୍ରତିଶତରୁ ଅଧିକ ତଳକୁ ଖସିଛି । ସେବି ତରଫରୁ ଆଦାନୀ ପାୱାରକୁ ନୋଟିସ କରାଯାଇ ଜବାବ ମଗାଯାଇଛି । ଆଦାନୀ ପାୱାର ଉପରେ କିଛି ନିବେଶକାରୀଙ୍କୁ ଭୁଲ ତରିକାରେ ପବ୍ଲିକ ସେୟାର ହୋଲଡର୍ସ ଭାବେ ବିଭକ୍ତିକରଣ କରାଯାଇଥିବା ଅଭିଯୋଗ ଉପରେ ଏଭଳି ନୋଟିସ କରାଯାଇଛି । ସୂଚନା ଥାଉକି, ଆମେରିକାର ସର୍ଟସେଲର କମ୍ପାନୀ ହିଣ୍ଡେନବର୍ଗ ଆଦାନୀ ଗ୍ରୁପ ବିରୋଧରେ ଅଭିଯୋଗ ଆଣିବା ପରେ କମ୍ପାନୀ ଏବେ ସେବି ନଜରରେ ରହିଛି ।

ସଲମାନ ଓ ଜେଶାନ ସିଦ୍ଦିକଙ୍କ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଗିରଫ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଅଭିନେତା ସଲମାନ ଖାନ ଓ ନେତା ଜିଶାନ ସିଦ୍ଦିକିଙ୍କୁ ମିଳିଲା ହତ୍ୟା ଧମକ । ମୁମ୍ବାଇ ପୁଲିସର କାର୍ଯ୍ୟାଳୟକୁ କଲ୍ କରି ଉଭୟ ସଲମାନ ଓ ଜିଶାନ ସିଦ୍ଦିକିଙ୍କୁ ଜୀବନରେ ମାରିବାକୁ ଧମକ ଦିଆଯିବା କିଛି ଘଂଟା ପରେ ଅଭିଯୁକ୍ତକୁ ଗିରଫ କରାଯାଇଛି । ସୂଚନା ଅନୁସାରେ ବାନ୍ଦ୍ରା ସ୍ଥିତି ଜିଶାନଙ୍କ ଜନସମ୍ପର୍କ କାର୍ଯ୍ୟାଳୟକୁ ଏହି ଫୋନ୍ କଲ୍ ଆସିଛି । ଏହି ମାମଲାରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଜଣେ ଅଜ୍ଞାତ ବ୍ୟକ୍ତି ଫୋନରେ ଜିଶାନ ସିଦ୍ଦିକି ଓ ଅଭିନେତା ସଲମାନ ଖାନଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ । ଏଥିସହ ଟଙ୍କା ମାଗିଥିଲା । ଏହା ପରଠାରୁ ଜିଶାନଙ୍କ ଘରେ ସୁରକ୍ଷା



କଡ଼ା କଡ଼ି କରାଯାଇଥିଲା । ଜିଶାନ ସିଦ୍ଦିକିଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଦ୍ୱାରା ଦିଆଯାଇଥିବା ଅଭିଯୋଗକୁ ଭିତ୍ତି କରି ନିର୍ମଳନଗର ପୁଲିସ ଷ୍ଟେସନରେ ଅଜଣା ଲୋକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ପୁଲିସ ଏହି ମାମଲାରେ ନୋଏଡାରୁ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣକର ବୟସ ୨୦ ବର୍ଷ ଓ ତା' ନାଁ ଗୁରଫାନ । ପୋଲିସର ସୂତ୍ର ଅନୁଯାୟୀ, ମହମ୍ମଦ ତୈୟବ ଓରଫ ଗୁରଫାନ ଦିଲ୍ଲୀର ବାସିନ୍ଦା ବୋଲି କୁହାଯାଇଛି । ନୋଏଡାରୁ ଅଭିଯୁକ୍ତକୁ ସେକ୍ଟର -୩୯ ପୁଲିସ ଷ୍ଟେସନ ଅଞ୍ଚଳରୁ ଗିରଫ କରାଯାଇଛି । ମୁମ୍ବାଇ ପୁଲିସ ଗୁରଫାନକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି । ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡିଛି ଯେ ଏହି ଧମକପୂର୍ଣ୍ଣ କଲ୍ କେବଳ ଟଙ୍କା ମାଗିବା ପାଇଁ କରାଯାଇଥିଲା । ତେବେ ପ୍ରତ୍ୟେକ ଏଙ୍ଗେଲକୁ ଦୃଷ୍ଟିରେ ରଖି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

ସୀମାରୁ ସେନା ପ୍ରତ୍ୟାହାର ସହ ଭିତ୍ତିଭୂମି ହଟାଇଲେ ଭାରତ ଓ ଚାଇନା

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଭାରତ ଓ ଚାଇନା ସେନା ମଧ୍ୟରେ ଚାଲିଥିବା ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଆପାତତଃ ଶେଷ ହୋଇଛି । ଦୁଇ ଦେଶ ପରସ୍ପର ସହ ଆଲୋଚନା କରି ପୂର୍ବ ଲଦାଖର ଦେପାଙ୍ଗ ଓ ଡେମଚୋକ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ । ଏଥିସହ ଅକ୍ଟୋବର ୨୯ ସୁଦ୍ଧା ସୀମାରେ ନିର୍ମାଣ ହୋଇଥିବା ଭିତ୍ତିଭୂମି ହଟାଇବାକୁ ରାଜି ହୋଇଥିଲେ ।ସେହି ଅନୁସାରେ ଆଜି ଡିସଏନଗେଜମେଣ୍ଟ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି । ଏହାର ସ୍ୟାଟେଲାଇଟ ଛବି ମଧ୍ୟ ସାମ୍ନାକୁ ଆସିଛି ।ବର୍ତ୍ତମାନ ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବେରେସନ ଆର୍ମି(ପିଏଲଏ) ମିଳିତ ଭାବେ ଏଲଏସିର ସମ୍ବେଦନଶୀଳ ଅଞ୍ଚଳରୁ ସୈନ୍ୟ ଓ ଭିତ୍ତିଭୂମି ପ୍ରତ୍ୟାହାର କାର୍ଯ୍ୟକୁ ଯାଞ୍ଚ କରୁଛନ୍ତି । ଉଭୟ ଦେଶର ସେନା ମିଳିତ ଭାବେ ଯାଞ୍ଚ ପ୍ରକ୍ରିୟା କରି ବାସ୍ତବରେ ଡିସଏନଗେଜମେଣ୍ଟ ପ୍ରକ୍ରିୟା ଶେଷ ହୋଇଛି କି ନାହିଁ, ତା'ର ରିପୋର୍ଟ ଦେବେ । ଏବେ କେବଳ ଦୁଇ ଦେଶ ମଧ୍ୟରେ ବିଶ୍ୱାସ ଆଧାରରେ କାମ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି ।ଅନ୍ୟପକ୍ଷରେ ଗଲୱାନ ସମେତ ସୀମାରେ ସୃଷ୍ଟି ହୋଇଥିବା ୪ ବଫର ଜୋନ

ସମ୍ପର୍କରେ ଦୁଇ ଦେଶ କୌଣସି ପ୍ରକାରର ଆଲୋଚନା କରିନାହାନ୍ତି । ତେବେ କ୍ରସ୍ କମାଣ୍ଡରସ୍ତରୀୟ ଆଲୋଚନା ଦ୍ୱାରା ବଫର ଜୋନରେ ସମ୍ଭାବ୍ୟ ପାଟ୍ରୋଲିଂ ଉପରେ ନିଷ୍ପତ୍ତି ନିଆଯିବ । ପ୍ରଥମେ ଡିସଏନଗେଜମେଣ୍ଟ ହୋଇଥିବା ଦେପାଙ୍ଗ ଓ ଡେମଚୋକ ଅଞ୍ଚଳରେ ଦୁଇ ଦେଶ ସଫଳତାର ସହ ପାଟ୍ରୋଲିଂ କରିବେ । ଏହାପରେ ବାକି ବଫର ଜୋନରେ ହେବାକୁ ଥିବା ପାଟ୍ରୋଲିଂ ଉପରେ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି । ଉଭୟ ଦେଶର ସ୍ଥାନୀୟ ମିଲିଟାରୀ କମାଣ୍ଡର୍ସ ପ୍ରତିଦିନ ସକାଳେ ହଟଲାଇନ ଦ୍ୱାରା ଦୈନିକ ଯୋଜନା ସମ୍ପର୍କରେ କଥା ହେବେ । ସେହିପରି ଧାର୍ଯ୍ୟ ସ୍ଥାନରେ ଦୈନିକ ଥରେ କିମ୍ବା ଦୁଇ ଥର ଇନ ପର୍ସନ ମିଟିଂ କରି ସ୍ଥିତିର ସମୀକ୍ଷା କରିବେ । ସବୁ କିଛି ପ୍ରୋଟକଲ ଅନୁସାରେ ହେବ ବୋଲି ଦୁଇ ଦେଶ ରାଜି ହୋଇଛନ୍ତି ।

ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ

ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି): ଦିଲ୍ଲୀ ଡ୍ରଗ୍ସ ରାକେଟର ପର୍ଦ୍ଦାଫାସ କଲା ପୋଲିସଯ ୯୫ କେଜିର ଜବତ କରିଛି ଡ୍ରଗ୍ସ । ତେବେ ତିହାର ଜେଲର ୱାର୍ଡେନ ଏହି ଡ୍ରଗ୍ସ କାରବାର କରୁଥିବା ଜଣାପଡିଛି । ତେବେ ରିପୋର୍ଟ ଅନୁସାରେ, ତିହାର ଜେଲର ୱାର୍ଡେନ ନୋଏଡାର ଗୌତମ ବୁଦ୍ଧ ନଗରରେ ଏକ ମେଥ୍ ଲ୍ୟାବ୍ ଚଳାଇଥିଲେ । ଅର୍ଥାତ୍ ମେଥାମଫେଟାମିନ ଡ୍ରଗ୍ ଲ୍ୟାବ୍ । ଏହି ଲ୍ୟାବକୁ ସେ ମୁମ୍ବାଇର ଜଣେ କେମିଷ୍ଟଙ୍କ ସହଯୋଗରେ ପରିଚାଳିତ କରୁଥିଲେ ।

ସେମାନଙ୍କ ସହ ଦିଲ୍ଲୀର ଜଣେ ବ୍ୟବସାୟୀ ମଧ୍ୟ ସାମିଲ ଥିଲେ । ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ ଅକ୍ଟୋବର ୨୫ରେ ଏହି ଲ୍ୟାବ୍ ଉପରେ ଚଢାଉ କରି ୯୫ କେଜିର ମେଥାମଫେଟାମିନ ଡ୍ରଗ୍ସ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଦିଲ୍ଲୀର ଜଣେ ବ୍ୟବସାୟୀ ମଧ୍ୟ ଅଛନ୍ତି । ଉକ୍ତ ବ୍ୟକ୍ତିଙ୍କୁ ପୂର୍ବରୁ ଆୟକର ବିଭାଗ ନିଶା କାରବାର ମାମଲାରେ ଅଟକ ରଖି ପଚରା ଉଚରା କରିଥିଲା । ସେ ଏହି ଡ୍ରଗ୍ ଲ୍ୟାବ୍ ପରିଚାଳନା ମାମଲାରେ ତିହାର ଜେଲ୍ ୱାର୍ଡେନଙ୍କ ସମ୍ପୃକ୍ତି ଥିବା କହିଥିଲେ । ସେ ଆହୁରି କହିଥିଲେ ଯେ, ୱାର୍ଡେନ ତାଙ୍କୁ ଡ୍ରଗ୍ ଉତ୍ପାଦନ ପାଇଁ ଆବଶ୍ୟକ ରାସାୟନିକ ପଦାର୍ଥ ଏବଂ ଯନ୍ତ୍ରପାତି କିଣିବାରେ ସାହାଯ୍ୟ କରିଥିଲେ । ସେହିପରି ମାମଲାରେ ଜଣେ ଅଭିଯୁକ୍ତ ମୁମ୍ବାଇ ସ୍ଥିତ ଜଣେ କେମିଷ୍ଟଙ୍କ ସମ୍ପୃକ୍ତି ଥିବା ବି କହିଥିଲେ । ଅକ୍ଟୋବର ୨୭ରେ ସମସ୍ତ ଚାରିଜଣ ସନ୍ଦିଗ୍ଧଙ୍କୁ କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେଇଛି ପୋଲିସ । ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କ ଜଣେ ସହଯୋଗୀଙ୍କୁ ଅଟକ ରଖିଛି । ଏହି ଅପରେସନ ଏନସିବି ଏବଂ ଦିଲ୍ଲୀ ପୁଲିସ ମିଳିତ ଭାବେ କରିଥିଲେ ।

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଚଳାବସ୍ଥା,ଲୋକେ ହିନସ୍ତା

ନିଶ୍ଚିନ୍ତକୋଇଲି,(ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜଣେ ସହକାରୀ ଯନ୍ତ୍ରୀ, ୩ ଜଣ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି। ଏହି କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ସରୋଜ କୁମାର ଗାହାଣ ଗତ କିଛି ଦିନ ହେଲା କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଲେଣି। ତାଙ୍କ ବଦଳରେ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସହକାରୀ ଯନ୍ତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନାହିଁ। କଟକର ଚିନ୍ମୟୀ ପଲେଇଙ୍କୁ ଅତିରିକ୍ତ ସହକାରୀ ଯନ୍ତ୍ରୀ ସାୟୀତ୍ୱରେ ରଖାଯାଇଛି। ସେ କଟକରେ ଦାୟୀତ୍ୱରେ ରହିଥିବା କାରଣରୁ ନିଶ୍ଚିନ୍ତକୋଇଲି ପ୍ରତି ଉପଯୁକ୍ତ ସମୟ ଦେଇପାରୁନଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି କାର୍ଯ୍ୟାଳୟର ଜଣେ କନିଷ୍ଠ ଯନ୍ତ୍ରୀ ବହୁ ଦିନ ହେଲା ରୋଗାକ୍ରାନ୍ତ ହୋଇ ଚିକିତ୍ସାଧିନ ରହିଛନ୍ତି। ଅନ୍ୟଜଣେ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ମଧ୍ୟ ଖାଲି ପଡିଛି। ଜଣେମାତ୍ର କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ଦୀର୍ଘ ଦିନ ହେଲା କାର୍ଯ୍ୟାଳୟ ନାନା ଅବ୍ୟବସ୍ଥା ଘେରରେ ଚାଲିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଜଣକ ନିୟମିତ କାର୍ଯ୍ୟାଳୟକୁ ଆସୁନଥିବାର ଅଭିଯୋଗ ହୋଇଛି। ଫଳରେ ମାସର ଅଧିକାଂଶ ସମୟ ଏହି କାର୍ଯ୍ୟାଳୟରେ ତାଲା ଝୁଲୁଥିବାର ଦେଖିବାକୁ ମିଳିଛି। କୌଣସି କର୍ମଚାରୀ ନଥିବା କାରଣରୁ ଏହି କାର୍ଯ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। କର୍ମଚାରୀ ନଥିବା କାରଣରୁ ଦୂର ଦୂରାନ୍ତରୁ ଆସୁଥିବା ଲୋକମାନେ ବିଭାଗୀୟ ଅଧିକାରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। କର୍ମଚାରୀ ନଥିବା କାରଣରୁ ଏହି କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟକରୁଥିବା ପ୍ରକଳ୍ପ ଗୁଡିକ ଠିକାଦାରଙ୍କ ମର୍ଜିରେ ଓ ମନମୁଖି ଭାବେ ଅତ୍ୟନ୍ତ ମନ୍ଥରଗତିରେ ଚାଲୁଥିବାର ଅଭିଯୋଗ ହୋଇଛି। କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟ ତଦାରଖ କରୁନଥିବା କାରଣରୁ ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଠିକାଦାରମାନେ ମଧ୍ୟ ସେମାନଙ୍କ ବକେୟା ପ୍ରାପ୍ୟ ଠିକ୍ ଭାବେ ପାଇପାରୁନଥିବାର ଅଭିଯୋଗ ହୋଇଛି। ତେବେ କର୍ମଚାରୀ ମରୁଡି ଯୋଗୁ ଏହି କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଏହାର ପ୍ରତିକାର ନିମନ୍ତେ ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ନବ ଦିନାତ୍ମକ ଶ୍ୟାମାକାଳୀ ପୂଜା ନିମନ୍ତେ କଳସ ଯାତ୍ରା

ଦିଗପହଣ୍ଡି,(ନି.ପ୍ର): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ଶ୍ୟାମାକାଳୀଙ୍କ ନବ ଦିନାତ୍ମକ ପୂଜା ମହୋତ୍ସବ ସକାଶେ ମଙ୍ଗଳବାର ଦିନ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପଣ୍ଡିତ ଅଶ୍ୱିନୀ କୁମାର ରଥଙ୍କ ପୌରହିତ୍ୟରେ ୫ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ମାନସିକ ଧାରୀ ମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ। ନିକଟସ୍ଥ ଗଣେଶ୍ୱରପୁର ଗ୍ରାମ ଦେଇ ଯାଇଥିବା କହ୍ନେଇନାଳ ଡ୍ୟାମରୁ ଗଙ୍ଗାମାତାଙ୍କୁ ଆହ୍ୱାନ କରାଯାଇ ବାଦ୍ୟ ବାଦନ, ହୁଳହୁଳି ନାଦ ସହକାରେ ବିରାଟ ଶୋଭାଯାତ୍ରାରେ ଜଳଯାତ୍ରା କରି ମନ୍ଦିର ବେଢାକୁ ଅଣାଯାଇଥିଲା। ଦୀର୍ଘ ୯ ଦିନ ଧରି ମାଁଙ୍କ ପୀଠରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ବେଦଜ୍ଞ, କର୍ମ କାଣ୍ଡବିତ, ଜ୍ଞାନୀ ପଣ୍ଡିତ ମାନଙ୍କ ବୈଦିକ ଶାସ୍ତ୍ର ଅନୁଯାୟୀ ପ୍ରଥମ ଦିବସରେ ଜଳଯାତ୍ରା ସମେତ ବ୍ରାହ୍ମଣ ବରଣ, ଅଧିବାଶ, ମଣ୍ଡଳକରଣ, ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ପୂଜାର୍ଚ୍ଚନା ଆୟୋଜନ କରାଯାଇଥିଲା। ମାଁ ଯାତ୍ରା ଆସନ୍ତା ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କର୍ତ୍ତା ରୂପେ ଗଦାଧର ଜେନା ତାଙ୍କ ସହଧର୍ମିଣୀ ଲକ୍ଷ୍ମୀ ଜେନା, ଉଦୟ ପ୍ରଧାନ ଓ ଶଶୀ ପ୍ରଧାନ ଏବଂ ଭଗବାନ ବିଷୋୟୀ ସହ ରୀତା

ବିଷୋୟୀ ଆସନ ଅଳଙ୍କୃତ କରିଥିଲେ। ଯାତ୍ରାକୁ ନେଇ ସମଗ୍ର ଗ୍ରାମ ଉତ୍ସବ ମୁଖର ରହିଥିବା ବେଳେ ମାଁଙ୍କ ଯାତ୍ର

ବୁମରାଙ୍କୁ ହଟାଇ ରବାଡା ନମ୍ବର ୱାନ୍ ବୋଲର

ଦୁବାଇ,୩୦।୧୦: ଟିମ ଇଣ୍ଡିଆ।ର ଦ୍ରୁତ ବୋଲର ଯଶପ୍ରୀତ ବୁମରା ଆ।ଉ ଟେଷ୍ଟ କ୍ରିକେଟର ୧ନଂ ବୋଲର ନୁହନ୍ତି। ଦୀର୍ଘ ସପ୍ତାହ ହେଲାଣି ବୁମରା ଆ।ଇସିସି ଟେଷ୍ଟ ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେ। କିନ୍ତୁ ଏଥର ତାଙ୍କୁ ପଛକୁ ଠେଲି ଦେଇଛନ୍ତି ଦକ୍ଷିଣ ଆ।ଫ୍ରିକାର ଦ୍ରୁତ ବୋଲର କାଗିସୋ ରବାଡା। ବର୍ତ୍ତମାନ ରବାଡା ଆଇସିସି ଟେଷ୍ଟ ରାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଛନ୍ତି।

ବାଂଲାଦେଶ ବିପକ୍ଷ ମୀରପୁର ଟେଷ୍ଟରେ ରବାଡା ୨ଟି ଇନିଂସରେ ୯ ୱିକେଟ ଦଖଲ କରିଥିଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ ଦକ୍ଷିଣ ଆ।ଫ୍ରିକା ୭ ୱିକେଟରେ ବାଂଲାଦେଶ ବିପକ୍ଷ ଟେଷ୍ଟକୁ ଜିତିଥିଲା। ଏହି ଦମଦାର ପ୍ରଦର୍ଶନ ଯୋଗୁ ରବାଡା ୩ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି।ଉକ୍ତ ମ୍ୟାଚ୍‌ରେ ରବାଡା ତାଙ୍କ ଟେଷ୍ଟ କ୍ୟାରିୟରର ୩୦୦ ୱିକେଟ ଦଖଲ କରିବାର ରେକର୍ଡ ମଧ୍ୟ କରିଥିଲେ।

୨୯ ବର୍ଷୀୟ ରବାଡା ପ୍ରଥମଥର ପାଇଁ ୨୦୧୮ରେ ଟେଷ୍ଟ ରାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଥିଲେ। ହେଲେ ୨୦୧୯ ଫେବୃଆ।ରୀରେ ତାଙ୍କୁ ତଳକୁ ଖସିବାକୁ ପଡ଼ିଥିଲା। ଏବେ ସେ ପୁଣି ବୁମାଙ୍କୁ ଶୀର୍ଷରୁ ହଟାଇ ୧ନଂ ସ୍ଥାନରେ ପହଞ୍ଚିଛନ୍ତି। ବୁମରା ୨ଟି ସ୍ଥାନ ତଳକୁ ଖସି ରାଙ୍କିଙ୍ଗର ୩ ନମ୍ବର ସ୍ଥାନରେ ଅଛନ୍ତି। ତାଙ୍କ ଉପରେ ଅଷ୍ଟ୍ରେଲିଆର ଭେଟରାନ ଦ୍ରୁତ ବୋଲର ଜୋଶ ହେଜେଲଉଡ ରହିଛନ୍ତି।

ଭାରତର ଭେଟରାନ ଅଫ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ ୨ଟି ସ୍ଥାନ ତଳକୁ ଖସି ୪ ନମ୍ବରରେ ଓ ଅଷ୍ଟ୍ରେଲିଆର ପାଟ କମିନ୍ସ ଗୋଟିଏ ସ୍ଥାନ ତଳକୁ ଖସି ୫ ନଂରେ ପହଞ୍ଚିଛନ୍ତି। ଟପ୍ ୧୦ ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ନୂଆ ମୁହଁ ଭାବେ ପାକିସ୍ତାନର ବାମହାତୀ ସ୍ପିନର ନୋମାନ ଅଲୀ ପ୍ରବେଶ କରିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜରେ ଦମଦାର ପ୍ରଦର୍ଶନ ଯୋଗୁ ନୋମାନ ସିଧା ୮ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୯ମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୧୩ଟି ୱିକେଟ ନେଇଥିବା ନ୍ୟୁଜିଲ୍ୟାଣ୍ଡର ମିଚେଲ ସାଣ୍ଟନର ୩୦ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ୪୪ତମ ସ୍ଥାନ ଦଖଲ କରିଛନ୍ତି।

ଟପ ୧୦ରେ ଭାରତର ଅନ୍ୟତମ ସ୍ପିନର ରବୀନ୍ଦ୍ର ଜାଡେଜା ଅଛନ୍ତି। ସେ ପୂର୍ବରୁ ୬ଷ୍ଠ ସ୍ଥାନରେ ଥିବା ବେଳେ ଏବେ ୮ମକୁ ଖସି ଯାଇଛନ୍ତି। ୬ଷ୍ଠ ସ୍ଥାନରେ ପୂର୍ବଭଳି ଅଷ୍ଟ୍ରେଲିଆ।ର ନାଥନ ଲାୟନ, ୭ମରେ ଶ୍ରୀଲଙ୍କାର ପ୍ରଭାତ ଜୟସୂରିୟା ଓ ୧୦ମ ସ୍ଥାନରେ ନ୍ୟୁଜିଲ୍ୟାଣ୍ଡର ମ୍ୟାଟ ହେନରୀ ରହିଛନ୍ତି।ବ୍ୟାଟିଂ ରାଙ୍କିଙ୍ଗ କଥା ବିଚାରକୁ ନେଲେ ଇଂଲଣ୍ଡର ଜୋ ରୁଟ ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟରେ କେନ ୱିଲିୟମସନ ଓ ତୃତୀୟ ସ୍ଥାନରେ ଭାରତର ଯଶସ୍ୱୀ ଜୈସାଲ ରହିଛନ୍ତି। ପୂର୍ବରୁ ଟପ ୧୦ରେ ଥିବା ଭାରତର ଋଷଭ ପନ୍ତ ଗୋଟିଏ ସ୍ଥାନ ତଳକୁ ଖସି ୧୧ନଂ ସ୍ଥାନରେ ପହଞ୍ଚିଛନ୍ତି।

ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡର ବଡ଼ ଘୋଷଣା

ସିଡନୀ,୩୦।୧୦(ଏଜେନସି): ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍ ହେବାକୁ ଯାଉଛି, ଯେଉଁଥି ପାଇଁ ନଭେମ୍ବର ମଧ୍ୟଭାଗରେ ଭାରତୀୟ ଦଳ ଅଷ୍ଟ୍ରେଲିଆ। ଅଭିମୁଖେ ଯାତ୍ରା କରିବେ। ତେବେ ଏହା ପୂର୍ବରୁ ଅଷ୍ଟ୍ରେଲୀୟ କ୍ରିକେଟ୍ ବୋର୍ଡ ଚାଲାକି କରି ଏକ ବଡ଼ ଘୋଷଣା କରିଛି ବୋର୍ଡ।ଏହାର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡ୍ରିୟୁ ମ୍ୟାକଡୋନାଲ୍ଡଙ୍କ ଚୁକ୍ତିନାମାକୁ ଏକ ବର୍ଷ ବୃଦ୍ଧି କରିଛି।

କ୍ରିକେଟ୍ ଅଷ୍ଟ୍ରେଲିଆ ତାଙ୍କୁ ୨୦୨୨ରୁ ୨୦୨୬ ପର୍ଯ୍ୟନ୍ତ ମୁଖ୍ୟ ପ୍ରଶିକ୍ଷକ କରିଥିଲା। କିନ୍ତୁ ବର୍ତ୍ତମାନ ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ବୋର୍ଡ ଏକ ବଡ଼ ନିଷ୍ପତ୍ତି ନେଇଛି। ଆଣ୍ଡ୍ରିୟୁ ମ୍ୟାକଡୋନାଲ୍ଡ ୨୦୨୭ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ମୁଖ୍ୟ ପ୍ରଶିକ୍ଷକ ରହିବେ। ବୋର୍ଡ ତାଙ୍କ ଚୁକ୍ତିନାମାକୁ ଏକ ବର୍ଷ ପାଇଁ ବୃଦ୍ଧି କରିଛି। ସେ ଆଗାମୀ ଟି-୨୦ ବିଶ୍ୱକପ ୨୦୨୬ ଏବଂ ଏକଦୀବସୀୟ ବିଶ୍ୱକପ ୨୦୨୭ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିବେ।

ବର୍ତ୍ତମାନ ଅଷ୍ଟ୍ରେଲିଆର ନଜର ବର୍ଡର-ଗାଭାସ୍କର ଟ୍ରଫିରେ ଅଛି। ଅଷ୍ଟ୍ରେଲିଆ ଏହି ସିରିଜ୍ ଆୟୋଜନ କରିବାକୁ ପ୍ରସ୍ତୁତ। ଏହାପୂର୍ବରୁ ଭାରତ ବର୍ଡର-ଗାଭାସ୍କର ଟ୍ରଫି(ବିଜିଟି) ଆୟୋଜନ କରିଥିଲା। ଏହି ସିରିଜ୍ ଜିତି ବିଶ୍ୱ ଟେଷ୍ଟ ଚମ୍ପିଅନସିପ୍ ପାଇଁ ଉଭୟ ଦେଶ ନିଜର ଦାବିକୁ ଦୃଢ଼ କରିବାକୁ ଚାହୁଁଛନ୍ତି। ବିଶ୍ୱ ଟେଷ୍ଟ ଚମ୍ପିଅନସିପ୍ ଫାଇନାଲରେ ପହଞ୍ଚିବା ପାଇଁ ଏହି ସିରିଜ୍ ଜିତିବା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ୨୨ ନଭେମ୍ବରରୁ ଆରମ୍ଭ ହେବାକୁ ଥିବାବେଳେ ଶେଷ ମ୍ୟାଚ୍ ୩ ଜାନୁୟାରୀରୁ ଖେଳାଯିବ। ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦଳ ମଧ୍ୟ ଦଳ ଘୋଷଣା କରାଯାଇଛି।ଆଣ୍ଡ୍ରିୟୁ ମ୍ୟାକଡୋନାଲ୍ଡ ଅଷ୍ଟ୍ରେଲିଆ ପାଇଁ ମାତ୍ର ୪ ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ଘରୋଇ ଟୁର୍ନାମେଣ୍ଟରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଆଣ୍ଡ୍ରୁ ହାରାହାରି ୨୧.୪୦ ହାରରେ ୪ ଟି ଟେଷ୍ଟ ମ୍ୟାଚରେ ୧୦୭ ରନ୍ ସଂଗ୍ରହ କରିଥିଲେ। ତାଙ୍କ ନାମରେ ଗୋଟିଏ ଅର୍ଦ୍ଧ ଶତକ ରେକର୍ଡ କରାଯାଇଛି।

ତେବେ ୯୫ ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ସେ ହାରାହାରି ୩୯.୫୪ ହାରରେ ୪୮୨୫ ରନ୍ ସଂଗ୍ରହ କରିଥିଲେ। ତାଲିକା ଏ ରେ ୧୦୦ ଟି ମ୍ୟାଚ୍ ଖେଳି ସେ ହାରାହାରି ୨୯.୯୬ ହାରରେ ୧୮୮୮ରନ୍ ସଂଗ୍ରହ କରିଛନ୍ତି । ୯୩ ଟି-୨୦ ମ୍ୟାଚ୍‌ରେ ସେ ହାରାହାରି ୩୧.୬୯ ହାରରେ ରନ୍ ସହ ୧୭୪୩ ରନ୍ ସଂଗ୍ରହ କରିଛନ୍ତି।

ମନ୍ଧାନାଙ୍କ ଶତକରେ ସିରିଜ ଜିତିଲା ଭାରତ

ଅହମ୍ମଦାବାଦ,୩୦।୧୦(ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳ ନିର୍ଣ୍ଣାୟକ ମୁକାବିଲାରେ ନ୍ୟୁଜିଲାଣ୍ଡକୁ ୬ ୱିକେଟ୍‌ରେ ହରାଇଛି। ଏହିଁ ବିଜୟ ସହ ଭାରତୀୟ ଦଳ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି। ଅହମ୍ମଦାବାଦରେ ଖେଳା ଯାଇଥିବା ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୪୯.୫ ଓଭରରେ ୨୩୨ ରନରେ ଅଲଆ।ଉଟ୍ ହୋଇଥିଲା। ଜବାବରେ ଭାରତୀୟ ଦଳ ୩୪ ବଲ୍ ବଳକା ଥାଇ ମ୍ୟାଚ୍‌କୁ ୬ ୱିକେଟ୍‌ରେ ଜିତି ନେଇଛି। ଓପନର ସ୍ମୃତି ମନ୍ଧାନା ନିଜର ଖରାପ ଫର୍ମ ଉପରେ ବିରାମ ଲଗାଇ ଦମଦାର ଶତକୀୟ ଇନିଂସ ଖେଳିଛନ୍ତି।

ମ୍ୟାଚ୍‌ରେ ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିର୍ଣ୍ଣୟ ନେଇଥିଲା ଭାରତୀୟ ବୋଲରଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି କିଓ୍ୱି ଦଳ ୫ ୱିକେଟ୍ ହରାଇ ୮୮ ରନ କରି ସଙ୍କଟରେ ପଡ଼ିଥିଲା। ଏହା ପରେ ବ୍ରୁକ ହାଲିଡେ ଓ ଇସାବେଲା ଦଳର ଇନିଂସ ସମ୍ଭାଳି ୬୪ ରନର ଭାଗଦାରୀ ଯୋଡ଼ିଥିଲେ। ବିଶେଷ କରି ବ୍ରୁକ ହାଲିଡେ ଦମଦାର ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୮୬ ରନର ଇନିଂସ ଖେଳିଥିବା ବେଳେ ଇସାବେଲ୍ଲା ୨୫ ରନ ଓ ଲି ଟାହୁଲୁ ଦ୍ରୁତ ୨୪ ରନ କରିଥିଲେ। ଫଳରେ ୨୩୨ ରନରେ ପହଞ୍ଚି ପାରିଥିଲା ।ନ୍ୟୁଜିଲାଣ୍ଡ ଭାରତ ପକ୍ଷରୁ ସିଜିନରେ ପଦାର୍ପଣ କରିଥିବା ବାମହାତୀ ବୋଲର ପ୍ରିୟା ମିଶ୍ର ୪୧ ରନ ଦେଇ ୨ଟି ଓ ଦୀପ୍ତି ଶର୍ମା ୩୯ ରନ ଦେଇ ୩ଟି ୱିକେଟ୍ ନେଇଥିଲେ।

ଜବାବରେ ଭାରତ ପକ୍ଷରୁ ଦମଦାର ବ୍ୟାଟିଂ କରିଥିଲେ। ସ୍ମୃତି ମନ୍ଧାନା ଟି-୨୦ ବିଶ୍ୱକପ୍ ସହ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଦିନିକିଆ।ରେ ନିରାଶ କରିଥିବା ସ୍ମୃତି ମନ୍ଧାନା ଆଜିର ମ୍ୟାଚ୍‌ରେ ଦମଦାର ବ୍ୟାଟିଂ କରି ଶତକ ହାସଲ କରିଛନ୍ତି। ସେ ୧୨୨ ବଲ୍‌ରୁ ୧୦ ଚୌକା ସହ ୧୦୦ ରନ କରି ଭାରତକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ଅଧିନାୟକ ହରମନପ୍ରୀତ କୌର ୬୩ ବଲ୍‌ରୁ ୫୯ ରନର ଅପରାଜିତ ଅଧିନାୟକତ୍ୱ ଇନିଂସ ଖେଳିଛନ୍ତି। ୟାସ୍ତିକା ଭାଟିଆ। ୩୫ ରନ ଓ ଜେମିମା ରୋଡ୍ରିଗଜ ୨୨ ରନ କରିଥିଲେ। ଏହିପରି ଭାରତ ନିର୍ଣ୍ଣାୟକ ଦିନିକିଆ।କୁ ୪୪.୨ ଓଭରରେ ୪ ୱିକେଟ୍‌ରେ ଜିତି ନେଇଛି।

ପ୍ରଥମ ବଲ୍‌ରେ ୧୦ ରନ୍

ନୂଆଦିଲ୍ଲୀ,୩୦।୧୦: ବାଲାଂଦେଶ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ମୁକାବିଲା ଚଟୋଗ୍ରାମର ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଖେଳାଯାଉଛି। ଏହି ମୁକାବିଲାରେ ଏକ ଅଜବ ଘଟଣା ଘଟିଛି। ଦକ୍ଷିଣ ଆଫ୍ରିକାର ୨ ଭୁଲ ଯୋଗୁ ବାଲାଂଦେଶ ନିଜ ଇନିଂସର ପ୍ରଥମ ବଲ୍‌ରେ ୧୦ ରନ୍ କରିଥିଲା ଏହି ଘଟଣା ସମସ୍ତଙ୍କୁ ଚକିତ କରିଛି। ବାଲାଂଦେଶ ଇନିଂସରେ ପ୍ରଥମ ଓଭର କାଗିସୋ ରବାଡ଼ା ପକାଇଥିଲା। କାଗିସୋ ନିଜ ଓଭରର ପ୍ରଥମ ବଲ ଡଟ୍ ପକାଇଥିଲା। ହେଲେ ତାଙ୍କ ସାଥୀ ଖେଳାଳି ସେନୁରନ୍ ମୁଥୁସାମି ବ୍ୟାଟିଂ ସମୟରେ ବଡ଼ ଭୁଲ କରିଥିଲେ। ସେ ପିଚ୍ ମଝିରେ ଦୌଡ଼ୁଥିବା ଦେଖାଯାଇଥିଲା। ଏଥିଲାଗି ବାଲାଂଦେଶ ଟିମ୍ ପେନାଲ୍ଟି ଭାବେ ୫ ରନ୍ ଦେଇଥିଲେ। ଏମିତିରେ ବାଲାଂଦେଶ ଇନିଂସ ୫ ରନ୍‌ରୁ ଆରମ୍ଭ ହୋଇଥିଲା। ହେଲେ ଦ୍ୱିତୀୟ ବଲ୍‌ରେ ରବାଡ଼ା ପୁଣି ଗୋଟିଏ ଭୁଲ କରିଦେଇଥିଲେ। ସେ ଓଭରର ଦ୍ୱିତୀୟ ବଲ୍ ନୋ ବଲ୍ ପକାଇଥିଲେ। କେବଳ ଏତିକି ନୁହେଁ ଏହି ବଲରେ ୪ ରନ୍ ମିଳିଥିଲା।

ଆରସିବି ମଙ୍ଗ ଧରିପାରନ୍ତି କୋହଲି

ନୂଆଦିଲ୍ଲୀ,୩୦।୧୦: ଟିମ ଇଣ୍ଡିଆର ଷ୍ଟାର ବିରାଟ କୋହଲି ପୁଣି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆ।ରସିବି)ର ଅଧିନାୟକ ପଦକୁ ଫେରିବେ। ଆଇପିଏଲରେ ୨୦୨୫ ସଂସ୍କରଣରେ ଆରସିବି ବିରାଟଙ୍କ କ୍ୟାପ୍ଟେନ୍ସିରେ ପୁଣି ଟ୍ରଫି ପାଇଁ ଲଢ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ଏନେଇ ବିରାଟ କୋହଲି ଆରସିବି ଟିମ ମ୍ୟାନେଜମେଣ୍ଟ ସହ ଆ।ଲୋଚନା କରି ସାରିଛନ୍ତି। ଆରସିବି କ୍ୟାମ୍ପରେ ଯେତେବେଳେ ନେତୃତ୍ୱର ଅଭାବ ପଡ଼ିବ ସେତେବେଳେ ସେ କମାଣ ସମ୍ଭାଳିବେ ବୋଲି କହିଥିଲେ। ଏବେ ମ୍ୟାନେଜମେଣ୍ଟ ନେତୃତ୍ୱ ସଙ୍କଟର ସାମ୍ନା କରୁଥିବାରୁ ବିରାଟଙ୍କୁ ପୁଣି କ୍ୟାପ୍ଟେନ ପଦ ଦେବାକୁ ନିଷ୍ପତ୍ତି ନେଇଛି।

୨୦୨୨ ସଂସ୍କରଣରୁ ଫାଫ ଡୁପ୍ଲେସିସ ଆରସିବିର ଅଧିନାୟକ ପଦରେ ରହିଛନ୍ତି। ହେଲେ ଏବେ

ତାଙ୍କୁ ୪୦ ବର୍ଷ ବୟସ ହୋଇଗଲାଣି। ଏପରି ସ୍ଥିତିରେ ଆରସିବି ତାଙ୍କୁ ଆଉ ଅଧିନାୟକ ପଦରେ ରଖିବାକୁ ଚାହୁଁନାହିଁ। ତେଣୁ ବିରାଟ କୋହଲି ପୁଣିଥରେ ଆରସିବିର ମଙ୍ଗ ଧରିବାକୁ ଯାଉଛନ୍ତି।୩ ବର୍ଷର ବ୍ୟବଧାନ ପରେ ବିରାଟ ଆରସିବିର ଅଧିନାୟକ ହେବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

ଆଇପିଏଲର ୨୦୨୧ ସଂସ୍କରଣ ପରେ ବିରାଟ କୋହଲି ଆରସିବିର ଅଧିନାୟକ ପଦ ଛାଡ଼ିଥିଲେ। ଏଥିସହ ସେ ଆଇପିଏଲ ଖେଳିବା ଯାଏ ଆ।ରସିବି ସହ ରହିବେ ବୋଲି କହିଥିଲେ। ଆ।ରସିବିର ସବୁଠାରୁ ପୁରୁଣା ଖେଳାଳି ହେଉଛନ୍ତି ବିରାଟ।

ଆରସିବି ଏଯାଏ ଆ।ଇପିଏଲ ଟ୍ରଫି ଜିତିବାକୁ ସକ୍ଷମ ହୋଇନାହିଁ। ବିରାଟ ୨୦୧୩ରୁ ୨୦୨୧ ଯାଏ ଆ।ରସିବିର ନେତୃତ୍ୱ ନେଇଥିଲେ ଦଳ ୪ ଥର ପ୍ଲେ ଅଫକୁ ଯାଇଛି ଓ ୨୦୧୬ରେ ଟ୍ରଫି ଜିତିବାର ଅତି ନିକଟକୁ ଆ।ସି ଫେଲ ମାରିଛି।୨୦୧୬ରେ ଦଳ ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦ ଠାରୁ ହାରିଥିଲା ୨୦୨୫ରେ ଦଳ ପୁଣି ଟ୍ରଫି ଜିତିବାକୁ ଉଦ୍ୟମ କରିବ। ଆଉ କିଛି ଦିନ ପରେ ୨୦୨୫ ଆ।ଇପିଏଲ ପାଇଁ ମେଗା ଅକ୍ସନ ହେବ ଏହି ସମୟରେ ଆରିସିବି କାହାକୁ କିଣୁଛି ଓ ବିରାଟଙ୍କ ବ୍ୟତୀତ ଆ।ଉ କାହାକୁ କ୍ୟାପ୍ଟେନ ପଦ ଦେବାକୁ ଚାହୁଁଛି, ସେକଥା ସ୍ପଷ୍ଟ ହେବ।

+୩ ଆନ୍ତଃ କଲେଜ କବାଡି : ରାମବାଗ ଚମ୍ପିୟନ

ଯାଜପୁରରୋଡ଼,୩୦।୧୦(ମହାଭାରତ): ଉତ୍କଳ ୟୁନିଭରସିଟି +୩ ଆନ୍ତଃକଲେଜ (ପୁରୁଷ) କବାଡି ଟୁର୍ଣ୍ଣାମେଂଟ ଜୋନ ୨ ର ଫାଇନାଲ ମ୍ୟାଚ ରିଜିଓନାଲ

କଲେଜ, ରାମବାଗ୍ ସହିତ ସାହାସପୁର କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରିଜିଓନାଲ କଲେଜ, ରାମବାଗ୍ ସାହାସପୁର କଲେଜକୁ ହରାଇ ଚମ୍ପିୟନ ହୋଇଛ। ବ୍ୟାସନଗର ସୟଂ ଶାସିତ ମହାବିଦ୍ୟାଳୟ, ଯାଜପୁର ରୋଡ ଖେଳ ପଡିଆରେ ଏହି ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଂଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ ଯୋଗଦେଇଥିବା ବେଳେ କ୍ରୀଡା ସଂସଦର ଉପସଭାପତି କ୍ୟାପଟେନ୍ ପୂର୍ଣଚନ୍ଦ୍ର ସାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୀବନ ବଂଧୁ ଦାସ, କ୍ରୀଷ୍ଣାବ୍ରି ରାଉତ, ଅଜୟ ଶାହା, ଅମୂଲ୍ୟ କୃଷ୍ଣ ପାଢୀ, ପ୍ରଭାଦ ସାଇଁ, ଚଂଜ୍ରି ପହି, ପୁନ୍ ପୁନ୍ ଦାସ, ପ୍ରଦୋଶ ରାୟ, ବିବେକାନନ୍ଦ ଜେନା, ସୁଭାସିନି ମିଶ୍ର, ଉପସ୍ଥିତ ଥିଲେ, ମୁଖ୍ୟ ଅତିଥି ତେଜ ହୋଣ୍ଡା ପ୍ରଦତ ଚମ୍ପିୟନ ଓ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଆଜିର ଖେଳକୁ ମନସିନୀ ସାହୁ, ରମେଶ ଚନ୍ଦ୍ର ପଣ୍ଡା, ଅନାଦି ସାହୁ, ଶାନ୍ତନୁ ମଲିକ୍, ପଂକଜ ସାହୁ, ରାମ ପ୍ରକାଶ ସାହୁ, ବଶୁପ୍ରତକ୍ ସାହୁ, ସୁବାସ ଚନ୍ଦ୍ର ମଲ୍ଲିକ, ଜୟରାମ ମାଝୀ, ଅଶୋକ ସାହୁ, ନଟବର ମଲ୍ଲିକ ଓ ନିରଞ୍ଜନ ପୃଷ୍ଟି ପରିଚାଳନା କରିଥିଲେ।

ଶାମି ଓ ରାହୁଲଙ୍କୁ ରିଲିଜ କରିପାରେ ଫ୍ରାଞ୍ଚାଇଜ୍

ମୁମ୍ବାଇ,୩୦।୧୦: ଇଣ୍ଡିଆ।ନ ପ୍ରିମିୟର ଲିଗ୍(ଆଇପିଏଲ୍) ୨୦୨୫ ସିଜିନ ପୂର୍ବରୁ ମେଗା ନିଲାମ ହେବାକୁ ଯାଉଛି। ଖେଳାଳିଙ୍କ ନିଲାମୀ ନଭେମ୍ବର ଶେଷ ଆଡ଼କୁ କିମ୍ବା ଡିସେମ୍ବର ଆ।ରମ୍ଭରେ ହୋଇପାରେ ଏହା ପୂର୍ବରୁ ସମସ୍ତ ଫ୍ରାଞ୍ଚାଇଜଙ୍କୁ ନିଜର ରିଟେନ୍ ଓ ରିଲିଜ୍ କରିଥିବା ଖେଳାଳିଙ୍କ ତାଲିକା ବିସିସିଆ।ଇକୁ ଦେବାକୁ ପଡ଼ିବ। ଏହାର ଶେଷ ତାରିଖ ହେଉଛି ଅକ୍ଟୋବର ୩୧ ଅର୍ଥାତ ଆ।ସନ୍ତାକାଲି ସମସ୍ତ ଫ୍ରାଞ୍ଚାଇଜ ଖେଳାଳିଙ୍କ ତାଲିକା ପ୍ରଦାନ କରିବେ।

ନିକଟରେ ବିସିସିଆ।ଇ ରିଟେନସନକୁ ନେଇ ନୂଆ। ନିୟମ ଜାରି କରିଥିଲା। ଏହା ଅନୁଯାୟୀ, ଜଣେ ଫ୍ରାଞ୍ଚାଇଜ ସର୍ବାଧିକ ୬ ଖେଳାଳିଙ୍କୁ ରିଟେନ୍ କରି ପାରିବେ ଯଦି କୌଣସି ଦଳ ୬ରୁ କମ ଖେଳାଳିଙ୍କ ରିଟେନ୍ କରେ ତେବେ ସେହି ସ୍ଥିତିରେ ଫ୍ରାଞ୍ଚାଇଜମାନଙ୍କୁ

ନିଲାମ ସମୟରେ ରାଇଟ୍ ଟୁ ମ୍ୟାଚ୍ କାର୍ଡ ବ୍ୟବହାର କରିବାର ସୁଯୋଗ ମିଳିବ।ତେବେ ଫ୍ରାଞ୍ଚାଇଜ ନିଜର କେଉଁ ଖେଳାଳିଙ୍କୁ ଦଳରେ ରଖିବେ ତାର ଚିତ୍ର ପ୍ରାୟତଃ ସ୍ପଷ୍ଟ ହୋଇ ଯାଇଛି ରିପୋର୍ଟ ଅନୁଯାୟୀ ଗୁଜରାଟ ଟାଇଟନ୍ସ ମହମ୍ମଦ ଶାମିଙ୍କୁ ରିଲିଜ୍ କରିପାରେ ଲଖ୍ନୌ ସୁପର ଜାଏଣ୍ଟସର ଅଧିନାୟକ କେଏଲ ରାହୁଲ ନିଲାମରେ ସାମିଲ ହୋଇ ପାରନ୍ତି ।ସନ୍ତୁ ଜାଣିବା ସବୁ ୧୦ ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ରିଟେନ କରି ପାରନ୍ତି।

ଗୁଜରାଟ ଟାଇଟନ୍ସ-ଶୁଭମନ ଗିଲ୍, ରଶିଦ ଖାନ, ସାଇ ସୁଦର୍ଶନ, ଶାହରୁଖ ଖାନ, ରାହୁଲ ତେୱାତିଆ। (ଆ।ରଟିଏମ)। ଲଖ୍ନୌ ସୁପର ଜାଏଣ୍ଟସ-ନିକୋଲାସ ପୂରନ, ମୟଙ୍କ ଯାଦବ, ଆ।ୟୁଷ ବଦୋନୀ, ରବି ବିଷ୍ଣୋଇ (ଆରଟିଏମ)। କେଏଲ ରାହୁଲଙ୍କ ନିଲାମୀରେ ସାମିଲ କରାଯିବାର ସମ୍ଭାବନା ରହିଛି। ମୁମ୍ବାଇ ଇଣ୍ଡିଆନ୍ସ-ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମା। ଚେନ୍ନାଇ ସୁପର କିଙ୍ଗ୍ସ-ମହେନ୍ଦ୍ର ସିଂ ଧୋନୀ(ଅନକ୍ୟାପ